ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.157 Bhubaneswar Thursday, August 05, 2021 | ୨୪ତମ ବର୍ଷ ସଂଖ୍ୟା–୧୫୭ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୦୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମର୍ଯ୍ୟ ନୂଆଦିଲ୍ଲୀରେ ସୂଚନା ଓ ପ୍ରସାରଣ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁରଙ୍କ ସହ ଆଲୋଚନାରତ

## ନିୟମ ପାଳନରେ ହେଳା କଲେ ପୁଣି ଥରେ ଲକ୍ ଡାଉନ ଲାଗୁ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୮(ପି.ଏନ): ତୃତୀୟ ଲହର ସଂପର୍କରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସତର୍କ କରିସାରିଲେଣି । ବିଶ୍ୱର ବିଭିନ୍ନ ସ୍ଥାନରେ ତୃତୀୟ ଲହର ଭୟଙ୍କର ହେବାରେ ଲାଗିଛି। ତେଣୁ ଏପରି ପରିସ୍ଥିତିରେ କୋଭିଡ ନିୟମ ପାଳନରେ କୌଣସି ଢିଲା ଗୁରୁତର ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଆଜି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଅନ୍‌ଲକ୍ ପରେ କେତେକ ମାର୍କେଟରେ ବହୁତ ଭିଡ ହେଉଛି । ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ । ଏହାଦ୍ୱାରା ଆମେ ନିଜ ପାଇଁ ଓ ନିଜ ପ୍ରିୟଜନଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଛୁ। ଆମେ କିଛି ଜାଣିବା ପୂର୍ବରୁ ସଂକ୍ରମଣ ବହୁଭାବରେ ବଢିଯାଇପାରେ। ତେଣୁ ସରକାର ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଯଦି ସରକାର ଅନୁଭବ କରନ୍ତି ଯେ ଲୋକମାନେ କୋଭିଡ ନିୟମକୁ ଠିକ୍ ଭାବରେ ପାଳନ କରୁନାହାନ୍ତି, ତେବେ ପୁଣି ଥରେ ସମ୍ପୂର୍ଣ୍ଣ ଲକ୍ ଡାଉନ୍ ଘୋଷଣା କରିବାକୁ ସରକାର ବାଧ୍ୟ ହେବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୁଦ୍ଧ ଏପର୍ଯ୍ୟନ୍ତ ସରିନାହିଁ। ଦେଶର ଅନ୍ୟ ରାଜ୍ୟ ମାନଙ୍କରେ କୋଭିଡ କେସ୍ ବଢୁଛି। ଭୁବନେଶ୍ୱରରେ ସଂକ୍ରମଣ ସ୍ଥିର ଅବସ୍ଥାରେ ଅଛି। ଜୀବନ ଓ ଜୀବିକା ଉଭୟକୁ ଗୁରୁତ୍ୱ ଦେଇ ଓଡିଶା ଧୀରେ ଧୀରେ ଅନ୍‌ଲକ୍ ହେଉଛି। କିନ୍ତୁ ବିପଦ ଏପର୍ଯ୍ୟନ୍ତ ଦୂର ହୋଇନାହିଁ। କରୋନା ଭାଇରସ୍ ଏବେ ବି ଆମ ଆଖପାଖରେ ରହିଛି ଓ ରୂପ ବଦଳାଇ ଗୁରୁତର ଆକ୍ରମଣ କରିବା ଶକ୍ତି ମଧ୍ୟ ତାର ରହିଛି। ତେଣୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାହା ହିଁ ଆମେ ତୃତୀୟ ଲହରର ପ୍ରଭାବକୁ କମ୍ କରିଦେଇପାରିବା।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦ୍ୱିତୀୟ ଲହରରେ ଅନ୍ୟ ରାଜ୍ୟ ମାନଙ୍କର ଯେଉଁଳି ଅବସ୍ଥା ଆମେ ଦେଖିଲେ, ସେ ପରିସ୍ଥିତି ଓଡିଶାରେ ଘଟି ନାହିଁ। ଆମର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କର କଠିନ ପରିଶ୍ରମ ଯୋଗୁଁ ଓଡିଶା ଆଜି ଭଲ ସ୍ଥିତିରେ ଅଛି। ଡାକ୍ତର ମାନେ ଆମର ସୁରକ୍ଷା ପାଇଁ ଦିନରାତି କାମ କରୁଛନ୍ତି। ତେଣୁ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଆମକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରିବାକୁ ହେବ।ଦ୍ୱିତୀୟ ଲହରର ମୁକାବିଲାରେ ଜନସାଧାରଣ ଯେପରି ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଲେ, ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ନିଷ୍ପତି ଆପଣମାନଙ୍କ ହାତରେ। ଜୀବନ ଅମୂଲ୍ୟ। ଆମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ହିଁ ତୃତୀୟ ଲହରକୁ ରୋକିପାରିବ। ତେଣୁ ଓଡିଶାକୁ ନିରାପଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ 'ଆପଣଙ୍କ ପ୍ରିୟଜନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ନିରାପଦ ଭାବରେ ଜୀବନଜୀବିକା ଯେପରି ଆଗକୁ ବଢିଚାଲିବ ସେଥିରେ ସହଯୋଗ କରନ୍ତୁ।

## ଟାଟା ପାୱାର ସହ ମିଶି ଲୋକଙ୍କୁ ଲୁଟୁଛନ୍ତି ସରକାର : କଂଗ୍ରେସ

ଭୁବନେଶ୍ୱର,୪।୮(ପି.ଏନ): ଟାଟା ପାୱାର କମ୍ପାନୀର ବହୁବିଧ ଶୋଷଣ ଓ ଦାଦାଗିରି ପଛରେ ସରକାରଙ୍କ ପ୍ରଚ୍ଛନ୍ନ ସଂପୃକ୍ତି ଓ ସମର୍ଥନ ରହିଛି ବୋଲି ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। କରୋନା କାଳରେ ଲକ୍‌ଡାଉନ ଯୋଗୁଁ ଲୋକେ ଘରେ ବନ୍ଦ ହୋଇରହିଥିବା ବେଳେ ସରକାର ଟାଟାପାୱାର କମ୍ପାନୀ ହାତକୁ ବିଦ୍ୟୁତ ସରବରାହ ଓ ବଂଟନ ବ୍ୟବସ୍ଥାକୁ ଟେକିଦେଲେ। ଗୋଟିଏ ଆର୍ଥିକ ବର୍ଷରେ ମାତ୍ର ଥରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇପାରିବାର ବ୍ୟବସ୍ଥା ଥିବାବେଳେ କେବଳ ଟାଟାପାୱାରକୁ ହିଁ ଫାଇଦା ଦେବାକୁ ଦୁଇଦୁଇଥର କରି ୮୦ ପଇସା ବୃଦ୍ଧି କରିଦିଆଗଲା। ୫୧ ପ୍ରତିଶତ ଅଂଶଧନର ମାଲିକ ଟାଟାପାୱାର ଏବେ ନିଜକୁ ସର୍ବଶକ୍ତିମାନ ମନେକରୁଛି ଏବଂ ଗ୍ରାହକଙ୍କୁ ମନଇଚ୍ଛା ଶୋଷଣ କରୁଛି ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମୀୟ ପାଣ୍ଡବ ଅଭିଯୋଗ କରିଛନ୍ତି। ୨୭ଲକ୍ଷ ଗ୍ରାହକଙ୍କ ଠାରୁ ଏହି ଅସତ୍ ଉପାୟରେ କୋଟି କୋଟି ଟଙ୍କା ଲୁଟ କରାଯାଉଛି ବୋଲି ସେ ଏ ସଂକ୍ରାନ୍ତୀୟ ତଥ୍ୟ ପ୍ରମାଣ ମଧ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓ.ଇ.ଆର.ସି) ଏଥି ନେଇ ନୀରବଦ୍ରଷ୍ଟା ଓ ମୂକସାକ୍ଷୀ ସାଜିବା ପଛରେ ଓଡ଼ିଶା ସରକାରଙ୍କର ବଡ଼ ବଡ଼ ଅଫିସର ଓ ରାଜନେତାଙ୍କ ସଂପୃକ୍ତି ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି। ବିନା ସୂଚନାରେ ଘଂଟା ଘଂଟା ବିଦ୍ୟୁତ କାଟିବା, ଅଭିଯୋଗ ପ୍ରତି ଆଦୌ ଗୁରୁତ୍ୱ ନଦେବା ସହିତ ଉପଭୋକ୍ତା ମାନଙ୍କୁ କଥା କଥାରେ ଧମକ ଦେବା ମନଇଚ୍ଛା ବିଦ୍ୟୁତ ସଂଯୋଗ କାଟିଦେବା ଟାଟାପାୱାରର ଦାଦାଗିରିର ନମୂନା। ଅନଲାଇନରେ ପାଠପଢ଼ିବାକୁ ସରକାର କହୁଥିବା ବେଳେ ତାଙ୍କ ପିଲାମାନେ ବିନା ବିଦ୍ୟୁତରେ ଅନ୍ଧାରରେ ପାଠ ପଢ଼ିପାରୁ ନାହାଁନ୍ତି। ଅନ୍ୟତମ ପ୍ରବକ୍ତା ରଜନୀ କୁମାର ମହାନ୍ତି ବିଦ୍ୟୁତ ସରବରାହ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ କ୍ଷତିର ବିବରଣୀ ପ୍ରଦାନ କରିଥିଲେ। ଦିଲ୍ଲୀରେ ଏହି କ୍ଷତିର ପରିମାଣ ମାତ୍ର ୧୯.୨୫ ଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଏହା ୨୮.୨୪% କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦ୍ରସରକାରଙ୍କ ଉଦୟ ଯୋଜନାରେ ଏହି କ୍ଷତିକୁ ୧୫% ଯାଏ ହ୍ରାସ କରିବାକୁ ନିର୍ଦ୍ଧାରିତ ହୋଇଥିଲା ବେଳେ ଓଡ଼ିଶା ସରକାରଙ୍କୁ ଏହି ଲକ୍ଷସ୍ଥଳରେ ପଂହଚିବାକୁ ଆଉ କେତେବର୍ଷ ଲାଗିବ ବୋଲି ସେ କହିଥିଲେ ଏବଂ ଏଥିଯୋଗୁଁ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଓ ପ୍ରୋତ୍ସାହନ ରାଶି ବାବଦରେ ରାଜ୍ୟ ଯେଉଁ ସହାୟତାରୁ ବଂଚିତ ହେବ ସେଥିପାଇଁ ରାଜ୍ୟ ସରକାର ଦାୟି ରହିବେ ବୋଲି ସେ ଚେତାବନୀ ଦେଇଥିଲେ।

### ଅଗଷ୍ଟ ୯ରୁ ଖୋଲିବ ବୈଷୟିକ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୪।୮(ପି.ଏନ): ଆଗାମୀ ଅଗଷ୍ଟ ଗଷ୍ଟ ୯ରୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବ। କେବଳ ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଅଫ ଲାଇନ ଫିଜିକାଲ କ୍ଲାସ ହେବ । ଏ ସମ୍ପର୍କରେ ରାଜ୍ୟ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କୁ ପତ୍ର ଲେଖା ଯାଇଛି । ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଛାତ୍ରାବାସ ମଧ୍ୟ ଖୋଲିବ। ଏହି ସମୟରେ କୋବିଡ ଗାଇଡଲାଇନକୁ କଡାକଡି ପାଳନ କରା ଯିବାକୁ ନିର୍ଦ୍ଦେଶ ଦିଆ ଯାଇଛି।

### ମାଟ୍ରିକ ପ୍ରଶ୍ନପତ୍ର ଅଦଳବଦଳ ଘଟଣାର ତଦନ୍ତ ପାଇଁ ଗଣଶିକ୍ଷା ସଚିବଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୮(ପି.ଏନ): ମାଟ୍ରିକ ରେଗୁଲାର ଛାତ୍ରଛାତ୍ରୀଙ୍କୁ ଏକ୍ସ ରେଗୁଲାର ପଶ୍ନପତ୍ର ଦିଆଯିବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ। ଗଣଶିକ୍ଷା ବିଭାଗ ସଚିବ ଏହି ମାମଲାର ତଦନ୍ତ କରିବେ। ସୂଚନାଯୋଗ୍ୟ, ଗତକାଲି ମାଟ୍ରିକ୍ ପରୀକ୍ଷାରେ ରେଗୁଲାର ପିଲାଙ୍କୁ ଏକ୍ସରେଗୁଲାର ପ୍ରଶ୍ନପତ୍ର ଏବଂ ଏକ୍ସରେଗୁଲାର ପିଲାଙ୍କୁ ରେଗୁଲାର ପ୍ରଶ୍ନପତ୍ର ମିଳିଥିଲା। କଟକସ୍ଥିତ ସେକେଣ୍ଡାରି ବୋର୍ଡ ହାଇସ୍କୁଲରେ ହେଉଥିବା ଅଫଲାଇନ୍ ମାଟ୍ରିକ୍ ପରୀକ୍ଷାରେ ଏଭଳି ବିଭ୍ରାଟ ଦେଖିବାକୁ ମିଳିଥିଲା। ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଏଭଳି ତ୍ରୁଟି ଜଣାପଡ଼ିବା ପରେ ପିଲାଙ୍କୁ ପାଖାପାଖି ଅତିରିକ୍ତ ୧ଘଂଟା ସମୟ ଦିଆଯାଇଥିଲା। ହେଲେ, ଏହା ଜଣାପଡ଼ିବା ବେଳକୁ କିଛିପିଲା ପ୍ରଥମ ପେପର ପରୀକ୍ଷା ଦେଇସାରିଥିଲେ। ଏଥିପାଇଁ ପିଲାଙ୍କୁ ହଲ୍ ରେ ୩ଘଂଟାରୁ ଅଧିକ ସମୟ ବସିବାକୁ ପଡ଼ିଥିଲା। ଏଭଳି ତ୍ରୁଟିର ଶିକାର ହୋଇଥିବା ପାଖାପାଖି ୨୦ ଜଣ ପରୀକ୍ଷାର୍ଥୀ ସେମାନଙ୍କୁ ନ୍ୟାୟ ଦେବାକୁ ବୋର୍ଡ ସଂପାଦକଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି।

## ଗୋଟିଏ ଦିନରେ ୧୩୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୪।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୩୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୨୧୮୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୨୦୮୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୩୮୭୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୧୫ ଜଣଙ୍କ ମଧ୍ୟରୁ ୬୫୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୧୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୩ ଜଣ, ବରଗଡ଼ରୁ ୨ ଜଣ, ଭଦ୍ରକରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୧୯୮, ଦେବଗଡ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୮ ଜଣ, ଗଜପତି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୩ ଜଣ, ଯାଜପୁରରୁ ୮୯ ଜଣ, ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଳାହାଣ୍ଡିରୁ ୪ ଜଣ, କନ୍ଧମାଳ ଜିଲ୍ଲାରୁ ୪ ଜଣ. କେନ୍ଦ୍ରାପଡ଼ାରୁ ୨୮ ଜଣ, କେନ୍ଦୁଝରରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୧୩ ଜଣ, କୋରାପୁଟରୁ ୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜାରୁ ୬୨ ଜଣ, ନବରଙ୍ଗପୁରରୁ ୪ ଜଣ, ନୟାଗଡ଼ରୁ ୨୫ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୬,ପୁରୀରୁ ୬୭ ଜଣ, ରାୟଗଡ଼ାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୩ ଜଣ, ସୋନପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟ୍ ପୁଲରୁ ୮୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଧବଳେଶ୍ୱର ପୀଠର ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୮(ପି.ଏନ): ଲୋକସେବା ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧ୍ୟକ୍ଷତା କରି ଧବଳେଶ୍ୱର ପୀଠରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ଚାଲୁ ରହିଥିବା ବିଭିନ୍ନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ମହାନଦୀ ଭିତରେ ଥିବା ଧବଳେଶ୍ୱର ପୀଠର ଚତୁଃପାଶ୍ୱର୍ରେ ପଥର ପ୍ୟାକିଂ କରାଯିବା ସହିତ ପୀଠକୁ ସଂଯୋଗ ନିମନ୍ତେ ରୋପେୱ୍ୱ ଏବଂ ଅନ୍ୟ ଏକ ନୂତନ ପୋଲ ନିର୍ମାଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ପୀଠରେ ବ୍ୟାପକ ବନୀକରଣ କରାଯାଇ ଏହାର ସବୁଜିମା ଓ ପାରିପାଶ୍ୱର୍କ ସୌନ୍ଦର୍ଯ୍ୟକରଣ ବୃଦ୍ଧି କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଧବଳେଶ୍ୱର ପୀଠ ଓଡ଼ିଶାର ଅନ୍ୟତମ ଶୈବପୀଠ ଭାବରେ ପ୍ରସିଦ୍ଧି ଲାଭ କରିଥିବାବେଳେ ଯାନିଯାତରା ସମେତ ବର୍ଷର ସବୁ ସମୟରେ ଦର୍ଶନାର୍ଥୀଙ୍କ ପ୍ରବଳ ସମାଗମ ହୋଇଥାଏ। ଏଥି ସହିତ ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଧବଳେଶ୍ୱର ପୀଠର ଗୁରୁତ୍ୱ ରହିଛି । ତେଣୁ ପୀଠରେ ପର୍ଯ୍ୟଟନର ଭିତିଭୂମି ନିର୍ମାଣ ସହିତ ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ନିଆଯାଉଛି। ଏହା ଦ୍ୱାରା ଅଧିକରୁ ଅଧିକ ଭକ୍ତ ଓ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।ବୈଠକରେ ମହାନଦୀ-କାଠଯୋଡ଼ି ସିଷ୍ଟମର ମୁଖ୍ୟଯନ୍ତ୍ରୀ ଭକ୍ତଚରଣ ମହାନ୍ତି, କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଅମରେନ୍ଦ୍ର ମହାନ୍ତି, ଆଠଗଡ଼ ଉପଜିଲ୍ଲାପାଳ ଅଜାମ୍ବର ମହାନ୍ତି ଏବଂ ଉଦ୍ୟାନକୃଷି ବିଭାଗ ଉପନିର୍ଦ୍ଦେଶକ ସୁଧାକର ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଭୀମ୍ ଓ ୟୁପିଆଇ ମାଧ୍ୟମରେ ଟ୍ରେନ୍ ଟିକେଟ୍ ବୁକିଂ ଉପରେ ୫% ରିହାତି

ଭୁବନେଶ୍ୱର, ୪।୮(ପି.ଏନ): ଡିଜିଟାଲ୍ ଇଣ୍ଡିଆ ଅଭିଯାନ ଅଧୀନରେ ଲୋକଙ୍କୁ ଡିଜିଟାଲ୍ ସଶକ୍ତିକରଣ କରିବା ଏବଂ ଡିଜିଟାଲ୍ ପ୍ରୟୋଗକୁ ଲୋକପ୍ରିୟ କରାଇବା ପାଇଁ ରେଳ ମନ୍ତ୍ରଣାଳୟ ଭୀମ୍ ଆପ୍ଲିକେସନ ସମେତ ୟୁନିଫାଏଡ୍ ପେମେଂଟ ଇଂଟରଫେସ୍ (ୟୁପିଆଇ) ଆପ ବ୍ୟବହାର କରି ଟିକେଟ୍ କ୍ରୟ ଉପରେ ୫% ରିହାତି ପ୍ରଦାନ କରୁଛି । କମ୍ପୁଟରୀକୃତ ଯାତ୍ରୀ ସଂରକ୍ଷଣ କେନ୍ଦ୍ରରୁ ଟିକେଟ କ୍ରୟ ଉପରେ ଏହି ରିହାତି ଉପଲବ୍ଧ । ଏକ ଶତ ଟଙ୍କା କିମ୍ବା ତଦୁର୍ଦ୍ଧ ମୂଲ୍ୟ ଉପରେ ଟିକେଟ୍ ବୁକ ପାଇଁ ଏହି ରିହାତି ପ୍ରଯୁଜ୍ୟ ହେବ।

## ଓଡ଼ିଶାରେ ଆଉ ୫୦ଟି ସ୍ଫୁର୍ତି କ୍ଲଷ୍ଟର ଖୋଲିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେଲେ ଏମ୍ଏସ୍ଏମ୍ଇ ସଚିବ

ଭୁବନେଶ୍ୱର,୪।୮(ପି.ଏନ):ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନୂଆଦିଲ୍ଲୀଠାରେ କେନ୍ଦ୍ର ଏମ୍ଏସ୍ଏମ୍ଇ ସଚିବ ବି.ବି. ସ୍ୱାଇଁ, ଖାଦ୍ୟପ୍ରକ୍ରିୟାକରଣ ସଚିବ ଶ୍ରୀମତୀ ପୁଷ୍ପା ସୁବ୍ରମଣ୍ୟମ୍ ଏବଂ ବ୍ୟାଙ୍କିଂ ସଚିବ ଡ. ଦେବାଶିଷ ପଣ୍ଡାଙ୍କୁ ପୃଥକ ପୃଥକ ଭାବେ ସାକ୍ଷାତ କରିଛନ୍ତି । ଗତ ୨ ତାରିଖ ଦିନ ତାଙ୍କ ସାକ୍ଷାତବେଳେ ଓଡ଼ିଶାରେ ଆଉ ୫୦ଟି ସ୍ଫୁର୍ତି କ୍ଲଷ୍ଟର ସ୍ଥାପନ ନିମନ୍ତେ ରହିଥିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏହି କ୍ଲଷ୍ଟରରେ ରାଜ୍ୟର ପାରମ୍ପରିକ ଶିଳ୍ପୀ/ଶିଳ୍ପର ବିକାଶ ଦିଗରେ କାର୍ଯ୍ୟ କରାଯିବ ଏବଂ ପ୍ରତି କ୍ଲଷ୍ଟର ୨ରୁ ୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବାକୁ ସେ ଏହି ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି । ସେହିପରି ଅନ୍ୟ ୫୦ଟି ଶିଳ୍ପାଂଚଳ ପାଇଁ ପ୍ରତ୍ୟେକକୁ ୫୦ କୋଟି ଲେଖାଏଁ ଅର୍ଥ ମଂଜୁର କରିବାକୁ ସେ ଅନୁରୋଧ ରଖିଛନ୍ତି । ସିଟିଟିସି ଭଳି ଆଉ ୫ଟି ବୈଷୟିକ କେନ୍ଦ୍ର ସ୍ଥାପନ କରିବା ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବଭାରତର ମୁଖଶାଳା ଓଡ଼ିଶାରେ ଏକ ସର୍ବାଧୁନିକ ଏମ୍ଏସ୍ଏମ୍ଇ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ନୂତନ ଗବେଷଣା, ସୃଜନଶୀଳ କାର୍ଯ୍ୟକ୍ରମ ଓ ଶିଳ୍ପାୟନ ହେଲେ ଯୁବବର୍ଗ କର୍ମସଂସ୍ଥାନ ପାଇଁ ସଶକ୍ତ ହୋଇପାରିବେ ବୋଲି ସାକ୍ଷାତବେଳେ ଆଲୋଚନା କରିଛନ୍ତି। ଏଥି ସହିତ ବ୍ୟାଙ୍କିଂ ସଚିବ ଶ୍ରୀ ପଣ୍ଡାଙ୍କୁ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା ଓ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନାରେ ଆର୍ଥିକ ଋଣ ଯୋଗାଇ ଦେବା ପାଇଁ ରାଜ୍ୟ ବ୍ୟାଙ୍କ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି ।ଓଡ଼ିଶାରେ ଭାରତ ସରକାରଙ୍କ ଦ୍ୱାରା ଏକ ଅଭିଜ୍ଞ ବିଦେଶ ବାଣିଜ୍ୟ ଅଧିକାରୀ ନିଯୁକ୍ତି କରାଗଲେ ରାଜ୍ୟର ରପ୍ତାନୀ ପ୍ରୋତ୍ସାହନ ଏବଂ ବିପଣନ ସଂସ୍ଥା ଏ କ୍ଷେତ୍ରରେ ସୁଚାରୁ ରୂପେ କାର୍ଯ୍ୟ କରିପାରନ୍ତା । ରପ୍ତାନୀ ପାଇଁ ବାଣିଜ୍ୟ ଭିତିଭୂମି (ଟାଇ)କୁ ସରଳୀକରଣ କରାଯାଇ ପ୍ରକଳ୍ପ ଅନୁମୋଦନ ପାଇଁ ବିକେନ୍ଦ୍ରୀକରଣକୁ ପ୍ରାଧାନ୍ୟ ଦେବା ସହ ଏହାକୁ ଶତପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।ଏହି ଗସ୍ତ ସମୟରେ ପ୍ରମୁଖ ଶାସନ ସଚିବ ଭାରତ ସରକାରଙ୍କ ଖାଦ୍ୟୋଦ୍ୟୋଗ ମନ୍ତ୍ରାଳୟର ସଚିବଙ୍କ ସହିତ ସାକ୍ଷାତ କରିଥିଲେ । ରାଜ୍ୟରେ ଅଧିକାଂଶ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପି.ଏମ୍.ଏଫ୍.ଏମ୍.ଇ ଯୋଜନା ଅଧୀନରେ ବ୍ୟାଙ୍କ ଋଣ ନିମନ୍ତେ ଆବେଦନ କରିବା ସମୟରେ ଜମି ପଟ୍ଟା ଗୋଷ୍ଠୀ ନାମରେ ନରହିବା କାରଣରୁ ପ୍ରତିବନ୍ଧର ସମ୍ମୁଖୀନ ହୋଇଥାନ୍ତି । ତେଣୁ ଏହି ଜମି ପଟ୍ଟା ସମ୍ବନ୍ଧିତ ନିୟମରେ କିଂଚିତ କୋହଳ ନୀତି ଅବଲମ୍ବନ କରିବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଜାରୀ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on Facebook.com/Mps, Baripada








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ହିନ୍ଦୁଙ୍କ ଆସ୍ଥା ଉପରେ ଆକ୍ରମଣ: ନୂଆ ପାକିସ୍ତାନର ନୂଆ ଚାଲ

ମାର୍ଚ୍ଚ ୨୮ ତାରିଖ ଦିନ ଦିନ ସଂଧ୍ୟା ସାତଟା ବେଳେ ପାକିସ୍ତାନ ରାୱଲପିଣ୍ଡି ସହରର ପୁରାନା କିଲା ଅଂଚଳରେ ଥିବା ଏକ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର ଉପରେ ଆକ୍ରମଣ ହୋଇଛି । ୧୦ରୁ ୧୫ ଜଣ ଆକ୍ରମଣକାରୀ ମନ୍ଦିର ମୁଖ୍ୟ ଫାଟକ ଏବଂ ଉପର ମହଲା ସହିତ ମନ୍ଦିରର ଅନେକ ଢାଞ୍ଚା ଭାଙ୍ଗାରୁଜା କରିଛନ୍ତି । 'ଡନ୍' ଖବରକାଗଜ ଅନୁଯାୟୀ, ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ-Evacuee Trust Property Board (ଇଟିପିବି) ଉତ୍ତର ଜୋନ୍ ସୁରକ୍ଷା ଅଧିକାରୀ ସୟଦ ରଜା ଅବ୍ବାସ ଜାଇଦୀ ରାୱଲପିଣ୍ଡିର ବାନି ପୋଲିସ ଷ୍ଟେସନରେ ଅଭିଯୋଗ କରି କହିଛନ୍ତି ଯେ, ମନ୍ଦିର ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଛି । ମୁସଲିମ ସଂଖ୍ୟାଗରିଷ୍ଠ ଦେଶ ଭାବରେ ପାକିସ୍ତାନ ସାରା ବିଶ୍ୱରେ ଜଣାଶୁଣା । ଏହି ଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଅତି ଶୋଚନୀୟ । ବର୍ତ୍ତମାନ ଏଠାରେ ହିନ୍ଦୁ ମାନଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧.୬ ପ୍ରତିଶତ । ଭାରତରେ ସଂଖ୍ୟାଲଘୁମାନଙ୍କ ପାଇଁ ସଂରକ୍ଷଣ ସହିତ ଅନେକ କିଛି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଧ୍ୟାନ ଦିଆଯାଉ ନାହିଁ । ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ସହିତ ସେମାନଙ୍କୁ ଧର୍ମାନ୍ତରୀତ କରାଯାଉଛି । ସେମାନଙ୍କର ଝିଅ ବୋହୂମାନଙ୍କୁ ଅପହରଣ କରି ନିଆଯାଉଛି । ମଠ, ମନ୍ଦିର ଓ ପବିତ୍ର ପୀଠମାନଙ୍କ ଉପରେ ଆକ୍ରମଣ ହେଉଛି ଏବଂ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଛି । ଏ ବିଷୟରେ ହିନ୍ଦୁମାନେ ଅଭିଯୋଗ କଲେ ମଧ୍ୟ କେହି ଶୁଣନ୍ତି ନାହିଁ କି ଶୁଣିବାକୁ କେହି ଲୋକ ନାହାନ୍ତି । ମାନବାଧିକାର ସଂଗଠନ କହିଛି ଯେ, ଏଥିପାଇଁ ଅନେକ ହିନ୍ଦୁ ପାକିସ୍ତାନ ଛାଡି ଚାଲି ଯାଉଛନ୍ତି । ଯେଉଁମାନେ ରହି ଯାଉଛନ୍ତି, ସେମାନଙ୍କର ଧର୍ମ ସ୍ଥଳୀକୁ ନଷ୍ଟ କରି ଦିଆଯାଉଛି । ଲ୍ୟାଣ୍ଡ ଜିହାଦ ବୃଦ୍ଧି ପାଉଛି । ଜମି ମାଫିଆମାନେ ହିନ୍ଦୁମାନଙ୍କର ଜମିକୁ ଜବର ଦଖଲ କରି ନେଉଛନ୍ତି । ସିନ୍ଧର ଲ୍ୟାଣ୍ଡ ଜିହାଦିମାନେ ମିଥ୍ୟା 'ପାୱାର ଅଫ୍ ଆଟର୍ଣ୍ଣି'କରି ସେମାନଙ୍କର ଜମି ଅଧିକାର କରି ନେଉଛନ୍ତି । ଏକ୍ସପ୍ରେସ ଟ୍ରିବ୍ୟୁନ (The Express Tribune) ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ୨୦୧୪ ସୁଦ୍ଧା ୯୫ ପ୍ରତିଶତ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରି ଦିଆଯାଇଛି । ତଥ୍ୟ ଅନୁଯାୟୀ ୧୯୯୦ ପରଠାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୨୮ଟି ଧର୍ମପୀଠ ମଧ୍ୟରୁ ୪୦୮ଟି ଭାଙ୍ଗି ଦିଆଯାଇଛି । ତା' ଉପରେ ସମାଧି, ଶୌଚାଳୟ, ଦୋକାନ, ରେଷ୍ଟୁରାଂଟ, ସରକାରୀ ଅଫିସ ଓ ବିଦ୍ୟାଳୟ ଗଢି ଉଠିଛି । ସେଠାରେ କେବଳ ୨୦ଟି ଧର୍ମପୀଠ ଅଛି ଯେଉଁଠାରେ ପୂଜା ପାଠ କରାଯାଉଛି । ଅନେକ କେତେକ ମନ୍ଦିର ଅଛି ସେଠାକୁ ଯିବା ପାଇଁ ବାଟ ବନ୍ଦ କରି ଦିଆଯାଇଛି । ଯାହାଫଳରେ ସେଠାକୁ କେହି ପୂଜା ପାଠ କରିବା ପାଇଁ ଯାଇ ପାରିବେ ନାହିଁ । ଏକ୍ସପ୍ରେସ ଟ୍ରିବ୍ୟୁନର ଏକ ରିପୋର୍ଟ ଅନୁଯାୟୀ,ଡେରା ଇସମାଇଲ ଖାନରେ ଥିବା କାଳୀ ବରୀ ହିନ୍ଦୁ ମନ୍ଦିରକୁ ଜଣେ ମୁସଲମାନଙ୍କୁ ଭଡା ଦିଆଯାଇଛି । ସେମାନେ ସେହି ମନ୍ଦିରକୁ ତାଜମହଲ ହୋଟଲ ଭାବରେ ବ୍ୟବହାର କରୁଛନ୍ତି ।

ପାକିସ୍ତାନର କରାଚିରେ ଥିବା ୧୦୦୦ ବର୍ଷର ପୁରାତନ ବରୁଣ ମନ୍ଦିର ଶୌଚାଳୟ ଭାବରେ ବ୍ୟବହୃତ । ଏହି ମନ୍ଦିର ପାକିସ୍ତାନ ପାଇଁ ଏକ ଐତିହାସିକ ପୀଠ ହେବା କଥା । କିନ୍ତୁ ଏହା ହେଲା ନାହିଁ । ୨୦୦୮ରେ ଡେଲି ଟାଇମ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ମନ୍ଦିରର ଏକ ଅଂଶ ଶୌଚାଳୟ ଭାବେ ବ୍ୟବହୃତ ହେଉଛି । ଏଠାରେ ୧୯୫୦ ମସିହାରେ ହିନ୍ଦୁମାନେ ଲାଲ ସାଇ ବରୁଣ ଦେବଙ୍କ ଶେଷ ପର୍ବ ପାଳନ କରିଥିଲେ । ଯେତେବେଳେ ଏ ଖବର ସାରା ବିଶ୍ୱରେ ପ୍ରଚାରିତ ହେଲା ସେତେବେଳେ ମନ୍ଦିରର ପୁନରୁଦ୍ଧାର ଖବର ସାମ୍ନାକୁ ଆସିଲା । ସେହିପରି ପାକିସ୍ତାନ ଖାଇବର ପାଖତୁନଖ୍ୱା କରକର ଜିଲ୍ଲାର ଏକ ଛୋଟ ଗାଁ ଟେରିରେ କୃଷ୍ଣ ମନ୍ଦିର ଥିଲା । ଏହାର ଚତୁଃପାର୍ଶ୍ୱରେ ଘରଦ୍ୱାର କରି ଦିଆଯାଇଥିଲା । ମନ୍ଦିରର ପ୍ରବେଶ ପଥକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଏବେ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଜୋର ସୋର ଆନ୍ଦୋଳନ ଚାଲିଛି । ଏହିପରି ଅନେକ ଘଟଣା ଅଛି । ପାକିସ୍ତାନ ହିନ୍ଦୁ ପରିଷଦ ଅନୁଯାୟୀ, ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କର ୧୪୦୦ରୁ ଅଧିକ ପବିତ୍ର ସ୍ଥାନ ବା ଧର୍ମପୀଠ ଅଛି ଯାହାର ଚିହ୍ନବର୍ଣ୍ଣ ନାହିଁ । ସେହି ପବିତ୍ର ପୀଠଗୁଡିକ ଉପରେ ଦୋକାନ, ଗୋଡାଉନ ଆଦି ତିଆରି ହୋଇଛି । କିଛି ବର୍ଷ ପୂର୍ବେ କରାଚିର ଜଣେ ସାମ୍ବାଦିକ ତଥା ଲେଖକ ରେମା ଅବାସି (Reema Abbasi) ତାଙ୍କର ପୁସ୍ତକ 'ପାକିସ୍ତାନରେ ଐତିହାସିକ ମନ୍ଦିର-ଏ କଲ୍ ଟୁ କନ୍‌ସାଇନ୍ସ' (Historic Temples in Pakistan: A Call to Conscience)ରେ ପାକିସ୍ତାନରେ ଥିବା ମନ୍ଦିରଗୁଡିକର ସୁନ୍ଦର ସୁନ୍ଦର ଫଟୋଗୁଡିକ ପ୍ରକାଶିତ କରିଛନ୍ତି । ଏବେ ସେହି ବହିରେ ଥିବା ମନ୍ଦିରଗୁଡିକ ପାକିସ୍ତାନରେ ଦେଖିବାକୁ ମିଳୁନାହିଁ । ଖନନ ଦ୍ୱାରା ମିଳୁଥିବା ହିନ୍ଦୁ ମୂର୍ତ୍ତି ଏବଂ କଳାକୃତିକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ । ଦେଶର ସରକାର ଅଣ-ଇସଲାମିକ ଐତିହ୍ୟକୁ ଗ୍ରହଣ କରିବାକୁ ସର୍ବଦା ପଛଘୁଂଚା ଦେଉଛି । ଭାରତ ବିଭାଜନ ପରେ ପାକିସ୍ତାନରେ ଶହ ଶହ ମନ୍ଦିର ହଠାତ ବିନା ଶବ୍ଦରେ ଅଦୃଶ୍ୟ ହୋଇଗଲେ । ସେ ସ୍ଥାନରେ ଅନେକ ମସଜିଦ, ଦୋକାନ ଏବଂ ଅନ୍ୟାନ୍ୟ ଅଟ୍ଟାଳିକାଗୁଡିକ ଗଢି ଉଠିଲା । ଅତୀତକୁ ଲିଭାଇବାକୁ ଏଠାରେ ପ୍ରୟାସଗୁଡିକ ସ୍ପଷ୍ଟ ହେଉଛି । ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ଧର୍ମପୀଠଗୁଡିକୁ ଭାଙ୍ଗିବା ଏବଂ ତା' ଉପରେ ନୂଆ ଢାଂଚା ତିଆରି କରିବା କିଛି ନୂଆ କଥା ନୁହେଁ । ପ୍ରତିମାସରେ ଗଣମାଧ୍ୟମରେ ପ୍ରକାଶ ପାଉଛି ପାକିସ୍ତାନରେ ମନ୍ଦିର ଭଙ୍ଗା ଯାଇ ମସଜିଦ୍ ନିର୍ମାଣ ଚାଲିଛି । ପଡୋଶୀ ଦେଶ ସହିତ ଶାନ୍ତି ବିଷୟରେ କଥା ହେବା କିନ୍ତୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା । ଏହା ହେଉଛି ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନର ନୂଆ ଚାଲ। ବିଶେଷ କରି ମନ୍ଦିର ଉପରେ ଆକ୍ରମଣ କରିବା ପାକିସ୍ତାନରେ ଏକ ପ୍ରକାର ଧାରା ହୋଇ ସାରିଛି । ବିଶ୍ୱ ଦରବାରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେଉଛି ବୋଲି କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଥିବା ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ, ଅତ୍ୟାଚାର ଓ ମନ୍ଦିର ଭଙ୍ଗା ଘଟଣା ବିଶ୍ୱରେ ପାକିସ୍ତାନର ଭାବମୂର୍ତ୍ତିକୁ ନଷ୍ଟ କରିଦେଇଛି ।

**ଗୋଲଖ ଚନ୍ଦ୍ର ଦାସ,**
**ଘିଗିଡିଆ, ବାରୁଅ,କେନ୍ଦ୍ରାପଡା ।**
**ମୋ-୯୮୬୧୦୨୮୫୫୩**

# ପାଣି ପାଇଁ ଛଟପଟ ୫୦ ପରିବାର, ପାନୀୟ ଜଳ ପ୍ରକଳ୍ପ ଅଚଳ



ଆନନ୍ଦପୁର (ପିଏନ୍): ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଗାଁରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି । ବିଭିନ୍ନ ସ୍ଥାନରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇ ଜଳ ଯୋଗାଣ କରାଯାଉଛି । ହେଲେ ଗ୍ରୀଷ୍ମ ଆରମ୍ଭରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଯାଇ ଥିବାରୁ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ପଦନପୁର ଗ୍ରାମର ୫୦ ପରିବାର ମାସେ ହେଲା ପାଣି ପାଇଁ ତହଳ ବିକଳ ହେଉଛନ୍ତି । ପଦନପୁର ଗ୍ରାମବାସୀଙ୍କୁ ଜଳ ଯୋଗାଣ ପାଇଁ ଏକ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଓଭରହେଡ୍ ଟାଙ୍କି ବସାଯିବା ସହ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା । କିନ୍ତୁ ଆଜକୁ ମାସେ ହେଲା ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଗ୍ରାମର ୫୦ ପରିବାର ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବାଧ ହୋଇ ଲୋକମାନେ କୂଅ ଏବଂ ପୋଖରୀ ପାଣିକୁ ବ୍ୟବହାର କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ବିଷାକ୍ତ ବିଚାରଧାରା

**ମୂଳଲେଖା-ଡା. ରାଜିବ ମିଶ୍ର, ଅନୁବାଦ-ଇଂ. ବିଦ୍ୟାଧର ପଣ୍ଡା**



ମାନନୀୟା ରଶ୍ମିରେଖା ମହାରଣାଙ୍କ ସୁଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା। ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡା. ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି। ବହିର ନାଁ 'ବିଷାକ୍ତ ବାମପନ୍ଥ' ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ। ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି। ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ। ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସ୍ୱାଭାବିକ୍। ତେଣୁ ତୁରନ୍ତ ବଡଭାଇ ଡା. ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି। ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ, ତାଙ୍କୁ ଅନେକ ଅନେକ ଧନ୍ୟବାଦ। ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକମାନଙ୍କୁ ଭେଟିଦେବାକୁ ପ୍ରୟାସ କରିଛି।

'ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା' ଉକ୍ତିଟିରେ ଅୟଂ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି। ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, ''ବାମପନ୍ଥ ଉପରେ ଏକ ପୁସ୍ତକ କାହିଁକି ଲେଖିବା? ଯାହା ଘଟିଗଲା, ଚାଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ'ଣ ନିହାତି ଦରକାର? ବାମପନ୍ଥ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ! ତା'କୁ ପଢିବ କିଏ? ଆଜି ବାମପନ୍ଥ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ଚାହିଁବ?'' ଋଷିଆରେ ବାମପନ୍ଥ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିୟା ଏବଂ କ୍ୟୁବାରେ ବଂଚିଛି, ଚୀନ୍‌ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ!

ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡିଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ୟା' କଥା କ'ଣ ଆଉ କହିବା! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ୟାକୁ ଦୂର୍‌ଦୂର୍ ମାର୍‌ମାର୍ କଲେ। ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ଯେ ଆମର କ'ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ! ଏହି ପରିସ୍ଥିତିରେ ବାମପନ୍ଥ କାହିଁକି ପ୍ରାସଙ୍ଗିକ! ସତରେ କ'ଣ ବାମପନ୍ଥ ପରାଜୟ ବରଣ କରିସାରିଛି? କିମ୍ବା ଏହା କେବଳ ରୂପ ବଦଳେଇ ଦେଇଛି ଏବଂ ଏକ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତେ ଏକ ସାମାଜିକ ଶକ୍ତି ହିସାବରେ ଆଜି ବି ସତ୍ତା ଭୋଗ କରୁଛି? କିଶୋରାବସ୍ଥାରେ ପ୍ରାୟ ଲୋକ ବାମପନ୍ଥୀ ରାଜନୀତି ଏବଂ ସେହି ବିଚାରଧାରାର କୌଣସି ନା କୌଣସି କୂଳକୁ ଛୁଇଁଥାନ୍ତି। ପ୍ରତ୍ୟେକ ଯୁବକ ଊଣା ଅଧିକେ ବାମପନ୍ଥୀ ହୋଇଥାନ୍ତି। କିନ୍ତୁ ଅଧିକାଂଶ ସୁସ୍ଥ ମାନସିକତାବାଲା ଲୋକ ଏଥିରୁ ବାହାରକୁ ବାହାରି ପଡି ବଡ ହୋଇଯାଆନ୍ତି। ତଥାପି ବହୁତ ଲୋକ କୌଣସି ନା କୌଣସି ରୂପରେ ବାମପନ୍ଥୀ ବିଚାର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ସବୁଦିନ ପାଇଁ ରହିଯାନ୍ତି। ସେମାନେ ଏହି ସାମାନ୍ୟ ସାମାଜିକ ବିଚାରବଳ ଦ୍ୱାରା ବାମପନ୍ଥ ସମାଜକୁ ସଂଚାଳିତ କରୁଥାନ୍ତି ଏବଂ ନିଜର ବିଷାକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସମର୍ଥ ହୁଅନ୍ତି।

ନିଜର ଯୁବାବସ୍ଥା ମହାବିଦ୍ୟାଳୟରେ ପଠନ କାଳରେ ମୁଁ ବି ବାମପନ୍ଥୀ ଥିଲି। କିନ୍ତୁ ଧିରେଧିରେ ବୁଦ୍ଧିର ବିକାଶ ହେବାରୁ ଏଥିରୁ ବାହାରି ଆସିଲି ବୋଲି ବଂଚିଗଲି। ହେଲେ ନିଜର ସେହି ବାମପନ୍ଥୀ ମନସ୍ଥିତି ବିଚାରକୁ ମୁଁ ବନ୍ଦ କରି ପାରିଲିନି। ବିଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରେ ଲେଖାଲେଖି କରିବା ଭିତରେ ମୁଁ ମୋ ନିଜର ଅନ୍ତଃକରଣ ଦୃଷ୍ଟି ଏବଂ ମନକୁ ସମୃଦ୍ଧ କରିବାକୁ ଲାଗିଲି, ପରେ ମୋତେ ସବୁକିଛି ସ୍ପଷ୍ଟ ହେବାରେ ଲାଗିଲା। କିନ୍ତୁ ମୁଁ ଯଦି ଏହି ବହିର ଶ୍ରେୟ କେବଳ ନିଜେ ନେବାକୁ ଚେଷ୍ଟା କରିବି ତେବେ ଏହା ମୋ ପକ୍ଷରେ ବୌଦ୍ଧିକ ବେଇମାନୀ ହେବ। ମୋର ଦୃଷ୍ଟିକୁ ଅଧିକ ସ୍ପଷ୍ଟ କରିବାର ଶ୍ରେୟ ଆଦରଣୀୟ ବଡଭାଇ ଶ୍ରୀ ଆନନ୍ଦ ରାଜାଧ୍ୟକ୍ଷ ମହାଶୟଙ୍କୁ ଯାଇପାରେ। ମୋତେ ସର୍ବଦା ତାଙ୍କର ବୌଦ୍ଧିକ ଏବଂ ସୁବିଚାରର ମାର୍ଗଦର୍ଶନର ସୌଭାଗ୍ୟ ମିଳିଛି ଏବଂ ତାଙ୍କ ସହିତ ଘଂଟାଘଂଟା ଧରି ବିଚାରବିମର୍ଷ କଲାପରେ ଯାଇ ମୁଁ ଏହି ପୁସ୍ତକର ବିହନ ବୁଣିବାରେ ସମର୍ଥ ହୋଇଛି। ଯଦି ଏହି ପୁସ୍ତକ ଏକ ବହୁବିଧ ବିଚାରର ଫସଲ ହୋଇଥାଏ ତେବେ ଏହାର ବୁଣିବା ଏବଂ ଖତପାଣି ଦେଇ ବଂଚାଇବାର ଶ୍ରେୟ ଆନନ୍ଦଜୀ ଭାଇଙ୍କୁ ହିଁ ଯିବ। ମୁଁ ତ କେବଳ ହିଡ ଏବଂ ବାଡଟିଏ ଏହା ଚାରିପଟେ ବାନ୍ଧି ଏହାର ଜଗୁଆଳି ପରି କାମ କରିଛି ଏବଂ ଆଜି ଏହି ଫସଲ କାଟିବାକୁ ବସିଛି।

ମହାବିଦ୍ୟାଳୟରେ ପଢିବା ସମୟରେ ମୋତେ ବି ମୋର ବିଚାର ଶକ୍ତିର କ୍ରମବିକାଶ କରିବାକୁ ଅନେକ ସାଥୀ ମିଳିଗଲେ। ସନ୍ଧ୍ୟାର ଲମ୍ବା ଆସରର ଚା'ପିଆ ଖଟିରେ ଏବଂ ତାସପାଲି ପଡିବା ଭିତରେ ଲମ୍ବାଲମ୍ବା ରାଜନୈତିକ ତର୍କବିତର୍କ ମୋତେ ସମ୍ଭାଳିଲା, ବଦଳେଇଲା ଏବଂ ପ୍ରକୃତ କଥା ବୁଝେଇବାରେ ମୋ ବାମପନ୍ଥୀ ମନକୁ ସାହାଯ୍ୟ କଲା। ଯଦି ମୁଁ ସେତେବେଳର ମେଡିକାଲ କଲେଜରେ ଅନେକ ସହପାଠୀଙ୍କୁ ମନେ ନପକାଏ ତେବେ ଅନ୍ୟାୟ ହେବ। ମନିଷ ଖାନ୍ନା, ଧୀରଜ ସୈନୀ, ସୁନୀଲ ରୈନା, ଦିନେଶ ତ୍ରିପାଠୀ, ଅଜୟ ଭାରଦ୍ୱାଜ, ଆପଣମାନଙ୍କୁ କେତେ ସନ୍ଧ୍ୟାରେ ଏ ପୁସ୍ତକର କେତେ ବିଷୟକୁ ନେଇ ହଇରାଣ କରିଛି ଗଣନା କରି ହେବନି। ଜାମସେଦ୍‌ପୁରରେ ଅଭ୍ୟୁଦୟ ଏବଂ ପୂର୍ବସୈନିକ ସେବା ପରିଷଦର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋର ଏହି ବିଚାରଯାତ୍ରାର ସାକ୍ଷୀ ଅଛନ୍ତି ଏବଂ ତାଙ୍କର ବୈଚାରିକ ସାମାଜିକ ପ୍ରତିବଦ୍ଧତା ସଦାସର୍ବଦା ମୋ ପାଇଁ ପ୍ରେରଣାର ସ୍ରୋତ ରହିଥିବେ। ସେ ନିଜେ ଜମି ଉପରେ ସ୍ଥିର ରହି ମୋତେ ମୁକ୍ତାକାଶରେ ଉଡାଣ ଭରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ। ତଥାପି ମୋତେ କେବେ ବି ମୂଳରୁ ଅଲଗା ହେବାକୁ ଦେଇନାହାନ୍ତି। ପ୍ରାୟ ଏ ସମଗ୍ର ପୁସ୍ତକ ଭିନ୍ନଭିନ୍ନ ସମୟରେ ଫେସ୍‌ବୁକ ପୃଷ୍ଠାର ଅଂଶ ହୋଇଛି। ମୋର ଯେଉଁ ହଜାର ହଜାର ସାଙ୍ଗ ସେଠାରେ ମୋର ଏହି କୃତିକୁ ପଢି ଲାଇକ୍ ଏବଂ ସେୟାର କରି ଏପରି ଏକ ପୁସ୍ତକ ଲେଖିବା ପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି, ଏ ପୁସ୍ତକ ମୂଳତଃ ସେହିମାନଙ୍କର ସମ୍ପତ୍ତି।

ପ୍ରତ୍ୟେକ ବିବାହିତ ବ୍ୟକ୍ତିମାନଙ୍କ ପରି ନିଜର ଉପଲବ୍ଧି ପାଇଁ ଯଦି ମୁଁ ମୋର ଧର୍ମପତ୍ନୀଙ୍କୁ ଶ୍ରେୟ ନଦିଏ ତେବେ ମୋର ତାଙ୍କ ସହ ଗୋଟିଏ ଛାତତଳେ ବଂଚିବାର ଉପାୟ ନାହିଁ। ପଲ୍ଲବୀର ଶ୍ରେୟ କେବଳ ତା ଭାଗ ସମୟରୁ କାଟି ମୁଁ ଏ ପୁସ୍ତକ ଲେଖିଛି ଏବଂ ସିଏ ମୋତେ କେବଳ ଲେଖିବା ପାଇଁ ଦେଲା ତାହା ନୁହେଁ, ସେ ମୋର ବିଚାରଯାତ୍ରାର ଏକ ବଡ ସହଭାଗିନୀ ଏବଂ ବିରାଟ ସମ୍ବଳ। ଏହି ବାହାନା ବହୁତ ହେବ କି ପଚିଶ ବର୍ଷ ପୂର୍ବେ ଯେବେ ଆମ ଦୁହିଁଙ୍କର ମିଳନ ହେଲା ସେତେବେଳେ ମୁଁ ବାମପନ୍ଥୀ ଥିଲି। ପରେ ଆମ ଭିତରେ ପ୍ରେମାଳାପ ସହ ଧିରେଧିରେ ମୁଁ ରାଷ୍ଟ୍ରବାଦୀ ହେବାକୁ ଆରମ୍ଭ କଲି, ଏହା କେବଳ ମାତ୍ର ଏକ ସଂଯୋଗ ନୁହେଁ। ଏ ପୁସ୍ତକ ଲେଖାଯିବା ପୂର୍ବରୁ ଏହାର ଅଧିକାଂଶ ଭାଗ ଏକ ବହୁତ ଶିକ୍ଷିତ, ଦକ୍ଷ ଏବଂ ଉତ୍ତମ ବୁଦ୍ଧିସମ୍ପନ୍ନ କିଶୋର ସହ କଥାବାର୍ତ୍ତା ମାଧ୍ୟମରେ ବିକଶିତ ହୋଇଛି। ସିଏ ମୋର ସୁପୁତ୍ର ସିଦ୍ଧାର୍ଥ। ଏ ପୂରା ପୁସ୍ତକ ମୂଳତଃ ସିଦ୍ଧାର୍ଥ ଏବଂ ସେହି ଯୁବାପିଢିଙ୍କ ପାଇଁ ଚିନ୍ତା ଏବଂ ସଂସ୍କାରଗୁଡିକ ଉପରେ ଚାଲିଥିବା ବୈଚାରିକ ପ୍ରତିକାରର ବ୍ୟାକୁଳତା ଉପରେ ଆଧାରିତ। ମୋର ପ୍ରୟାସ ଏହି ପୁସ୍ତକ ସମସ୍ତ ଯୁବପିଢିଙ୍କ ହାତକୁ ପହଁଚୁ, ତାଙ୍କର ବିଚାର ପ୍ରକ୍ରିୟାର ଅଂଶବିଶେଷ ହେଉ ଏବଂ ସେମାନଙ୍କୁ ବାମପନ୍ଥ ବିଷଠାରୁ ବଂଚେଇବାରେ ସହାୟକ ହେଉ। ସେହି ଭବିଷ୍ୟତ ପିଢିକୁ ମୋର ଏହି ପୁସ୍ତକ ସମର୍ପଣ କରୁଛି। **(କ୍ରମଶଃ...)**

**ଇଂ. ବିଦ୍ୟାଧର ପଣ୍ଡା**
**ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି,**
**ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି,**
**ଭୁବନେଶ୍ୱର-୭୫୧୦୧୯, ମୋ-୯୪୩୯୧୨୮୦୫୦/ ୭୯୭୮୦୧୯୦୮୧, bdpanda1@gmail.com**

# ଏମ୍.ବି.ବି.ଏସ୍‌ର ଶେଷବର୍ଷରେ ଏଫ୍.ଏମ୍.ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଡଃ ବିଦିଶା ପଣ୍ଡାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ



ଭୁବନେଶ୍ୱର (ପିଏନ୍): ନିଷ୍ଠା, ଅଧ୍ୟବସାୟ, ଦୃଢ ମନୋବଳ ତଥା ପ୍ରତିକୂଳ ପରିବେଶରେ ନିଜକୁ ଖାପ ଖୁଆଇ ଆଗକୁ ବଢିବାର ଦୃଢ ଇଚ୍ଛାଶକ୍ତି ନିଶ୍ଚିତ ସଫଳତା ଆଣିଦିଏ ଏହା ପ୍ରମାଣିତ କରିଛନ୍ତି ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଆସୁଥିବା ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ବରିଷ୍ଠ ସଭ୍ୟ ତଥା କିଟ୍ ବିଦ୍ୟାଳୟରେ କାର୍ଯ୍ୟରତ ଶ୍ରୀ ବିଶ୍ୱନାଥ ପଣ୍ଡା ତଥା ମନୋରମା ପଣ୍ଡାଙ୍କ ସୁପୁତ୍ରୀ ଡଃ ବିଦିଶା ପଣ୍ଡା। ଏକ ନିମ୍ନମଧ୍ୟବି ପରିବାରର ସମସ୍ତ ପ୍ରତିକୂଳ ପରିବେଶକୁ ପଛରେ ପକାଇ ଡାକ୍ତର ହୋଇ ଜନମାନସର ସେବା କରିବାର ଦୃଢସଂକଳ୍ପକୁ ସଫଳତାର ସହ ପୂରଣ କରିଛନ୍ତି ବିଦିଶା। ୨୦୧୯-୨୦ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଟକସ୍ଥିତ ଏସ୍.ସି.ବି ମେଡିକାଲ କଲେଜରୁ ଏମ୍.ବି.ବି.ଏସ୍ ଡିଗ୍ରୀ ସଫଳତାର ସହ ଉ ର୍ତ୍ତୀର୍ଣ୍ଣ ହୋଇ ବ ର୍ତ୍ତମାନ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ବିଦିଶା ଏଫ୍, ଏମ୍. ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଭାରତର ମହାମହିମ ଉପରାଷ୍ଟ୍ରପତିଙ୍କ ସଦୟ ଉପସ୍ଥିତିରେ ସଦ୍ୟ ସମାହିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବ ର୍ତ୍ତନ ଉତ୍ସବରେ ରାଜ୍ୟର ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ ଅରୁଣ ସାହୁଙ୍କ ଠାରୁ ପଦକ ତଥା ମାନପତ୍ର ଗ୍ରହଣ କରିଛନ୍ତି ବିଦିଶା। ପ୍ରକାଶ ଥାଉକି, ବିଦିଶା ଡି.ଏ.ଭି. ପବ୍ଲିକ୍ ସ୍କୁଲ ଚନ୍ଦ୍ରଶେଖରପୁରରୁ ଦଶମ, କିଟ୍ ଇ ରନ୍ୟାସନାଲ ସ୍କୁଲରୁ ଦ୍ୱାଦଶ ଏବଂ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ସଫଳତାର ସହ ଉ ର୍ତ୍ତୀର୍ଣ୍ଣ ହୋଇ ଏସ୍.ସି.ବି. ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ପାଇଁ ସ୍ଥାନ ପାଇ ଆଜି ସଫଳତାର ଶିର୍ଷରେ ପହଂ ପାରିଛନ୍ତି। ଏଥି ସହ ବିଦିଶା ତାଙ୍କର ସମସ୍ତ ଦୁଃଖ ଓ କଷ୍ଟକୁ ପଛରେ ପକାଇ ନିଜ ଅଧ୍ୟବସାୟ ତଥା ଜନହିତକର କାର୍ଯ୍ୟପାଇଁ ରାଜୀବ୍ ଗାନ୍ଧୀ ସଦ୍‌ଭାବନା ସମ୍ମାନ, ମଦର ଟେରେସା ଶାନ୍ତି ସମ୍ମାନ, ବିବେକାନନ୍ଦ ଆନ୍ତର୍ଜାତୀୟ ସମ୍ମାନ ଇତ୍ୟାଦିରେ ପୁରସ୍କୃତ ହୋଇଛନ୍ତି। ବିଦିଶା ପାଠ ବ୍ୟତିତ ନୃତ୍ୟ, ସଂଗୀତ, କୁଇଜ୍ ଏବଂ ଲେଖା ଲେଖିରେ ମଧ୍ୟ ରୁଚି ରଖିଆସୁଛନ୍ତି। ବିଦିଶାଙ୍କର ଏହି ସଂଘର୍ଷମୟ ଜୀବନ ଯାତ୍ରା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ବିଦିଶାଙ୍କ ଏହି ସଫଳତାରେ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ, ଅନ୍ୟାନ୍ୟ ସଭ୍ୟବୃନ୍ଦଙ୍କ ସହ ଅ ଳର ବୁଦ୍ଧିଜୀବି ତଥା ଜନସାଧାରଣ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ କୋଟି କୋଟି ଟଙ୍କା ହେରଫେର: ଭିଜିଲାନ୍ସ ତଦନ୍ତ ଦାବୀ କଲେ ସଦର ବିଧାୟକ

କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ କୋ-ଅପରେଟିଭ ସୋସାଇଟିରେ ନିୟମ ବହିର୍ଭୂତ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କରିଛନ୍ତି। ଲୋଡିଂ ଏବଂ ଅନଲୋଡିଂ ପାଇଁ ଆସୁଥିବା ଅର୍ଥ ବେନିୟମ ଭାବେ ଖର୍ଚ୍ଚ ହେଉଥିବାବେଳେ ପ୍ରଶାସନିକ ଅଧିକାରୀ ଏଥିରେ ସହାୟତା କରୁଛନ୍ତି। ସମବାୟ ବିଭାଗ ଦ୍ୱାରା ପଂଜିକୃତ ହୋଇଥିବା ଏହି ସୋସାଇଟିରେ ମାସିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଗତ କିଛିଦିନ ତଳେ ୨ଜଣ ସଦସ୍ୟଙ୍କୁ ପ୍ରୋକଲେନ ଗାଡି କିଣିବା ୧୬ ଲକ୍ଷ ଟଙ୍କା ଦିଆଯାଇଛି। ଯାହାକି ସଂପୂର୍ଣ୍ଣ ବେଆଇନ। ଗାଡି କିଣିବା ପାଇଁ ସୋସାଇଟି ଅର୍ଥ ଦେବାର ନିୟମ ନଥିବାବେଳେ କିଭଳି ଅର୍ଥ ଦିଆଗଲା ତାହା ତଦନ୍ତ କରାଯିବାକୁ ଦାବୀ କରିଛନ୍ତି। ସୋସାଇଟି ଭାଙ୍ଗିଯିବା ପରେ ସମବାୟ ବିଭାଗ ପକ୍ଷରୁ ଗତ ୫ ମାସ ହେବ ଜଣେ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଏହି ଅଧିକାରୀ କୋଟି କୋଟି ଟଙ୍କା ବେନିୟମ ଖର୍ଚ୍ଚ ହେଉଥିଲେ ହେଁ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ଏହି ଅଧିକାରୀଙ୍କ ତଦାରଖରେ ସୋସାଇଟିର ବାଇ-ଲୋ ଅନୁସାରେ ଟଙ୍କା ଖର୍ଚ୍ଚ ହେବା କଥା। ମାତ୍ର ତାହା ନକରାଯାଇ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏପରିକି ସେଲଫ ଚେକ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଉଠାଣ ହେଉଛି। ଶୁଆକାଟୀସ୍ଥିତ ପାଟେଶ୍ୱର ଯୁକ୍ତ ଦୁଇ କଲେଜର ଜଣେ କିରାଣୀ ବସନ୍ତ କୁମାର ପ୍ରଧାନ ମଧ୍ୟ ଶୁଆକାଟୀ ଲୋଡିଂ ଏଜେନ୍ସିରେ କ୍ୟାସିୟର ଭାବେ କାମ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ୨ଟି ସ୍ଥାନରେ କିପରି କାମ କରି ଦରମା ନେଉଛନ୍ତି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗଣଶିକ୍ଷା ବିଭାଗ ପଦକ୍ଷେପ ନେବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ। ଦୀର୍ଘ ବର୍ଷ ହେବ ଏହି ସୋସାଇଟି ନିୟମ ବହିର୍ଭୂତ କାମ କରିଥିବାରୁ ସୋସାଇଟି ଭାଙ୍ଗିଦେବା ସହ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକ ଦାୟିତ୍ୱ ନେବା ପରେ ଗତ ୫ମାସର ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ କରିବାକୁ ଡିଆର୍‌ସିଏସ୍‌ଙ୍କ ନିକଟରେ ଶ୍ରୀ ମାଝୀ ଦାବୀ କରିଛନ୍ତି।

## କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସ ଡିଜିପି ଡିସ ପୁରସ୍କାର ପାଇଲେ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲାରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଅଭୟ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଡିସ ପୁରସ୍କାର ପ୍ରଦାନ କରିଥିବା ଜଣାପଡିଛି । କନେଷ୍ଟବଳ ଶ୍ରୀ ଦାସ ଜଣେ ଦକ୍ଷ ଓ କର୍ମଠ ପୋଲିସ କର୍ମଚାରୀ ଭାବରେ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ପୁରସ୍କୃତ ହୋଇଥିବା ସୂଚନା ମିଳିଛି ।

# ଆର୍ସେଲ ମିତ୍ତଲ କମ୍ପାନୀର ମନମାନୀ, ଆବଶ୍ୟକତାଠାରୁ ଅଧିକ ଖଣିଜ ପଦାର୍ଥ ପରିବହନ ଟ୍ରାଫିକ ସମସ୍ୟାର ମୁଖ୍ୟକାରଣ

ଯୋଡା/ବଡକାଳିମାଟି (ପିଏନ୍): ଟ୍ରାଫିକ ଜାମ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଏ ନେଇ ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା ଜାମ ଓ ଯାତାୟାତ ପରିସ୍ଥିତି ଅଣାୟତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସମୟରେ ବୈଠକ କରାଯାଇ ଏହାର ସମାଧାନ ବାହାର କରାଯାଉଛି । ହେଲେ ଏଠାରେ ଫଳ ଶୂନ । ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ସହିତ ଟ୍ରାଫିକ ଗାଡି ମଧ୍ୟ ନିଯୁକ୍ତି କରାଯାଇଛି । ଏଠାରେ ଦିନେ ନୁହେଁ କି ଅଧେ ନୁହେଁ ବର୍ଷ ବର୍ଷ ଧରି ଖଣି ଅଞ୍ଚଳର ଲୋକେ ଭୋଗିଚାଲିଛନ୍ତି ଏଭଳି ଟ୍ରାଫିକ ଜାମ ସମସ୍ୟା । ଏମିତି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବଡକାଳିମାଟି ପଞ୍ଚାୟତର ଦୁବୁନା ଠାରେ ଥିବା ଆର୍ସେଲ ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ଠାରେ । ଖଣି ଅଞ୍ଚଳର ବଡକାଳିମାଟି ଠାରୁ ଦୁବୁନା ପର୍ଯ୍ୟନ୍ତ ଯେଉଁ ପ୍ରକାର ରାସ୍ତା ଜାମରେ ଉତ୍କଟ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି ଆଖିରେ ନ ଦେଖିଲେ ବିଶ୍ୱାସ କରିବା କଷ୍ଟ । ଏଭଳି ସ୍ଥଳେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ସ୍ଥାନୀୟ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷ କରି ବଡକାଳିମାଟିଠାରୁ ଦୁବୁନା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାଟି ଆର୍ସେଲ ମିତ୍ତଲ କମ୍ପାନୀକୁ ଯାଉଥିବା ବଡ ବଡ ଭାରିଯାନ କବଜାରେ ରାସ୍ତାଗୁଡିକ ଦିନରାତି ରହୁଥିବା ଫଳରେ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ସ୍ଥାନୀୟ ଜନ ସାଧାରଣ । ଆବଶ୍ୟକତା ଠାରୁ ଅଧିକ ଖଣିଜ ପଦାର୍ଥ ପ୍ଲାଣ୍ଟରୁ ପରିବହନ ହେଉଥିବା କାରଣରୁ ରାସ୍ତା ଜାମର ସମସ୍ୟା ଲାଗି ରହୁଛି । ପ୍ରତ୍ୟକ ଦିନ ଟ୍ରାଫିକ ଜାମ ସମସ୍ୟା ହେତୁ ଆମ୍ବୁଲାନ୍ସ ମଧ୍ୟ ରୋଗୀକୁ ନେବା ପାଇଁ ମନା କରି ଦେଉଛନ୍ତି । ୧୦୮କୁ ଫୋନ କଲେ ପଚାରୁଛନ୍ତି କେଉଁ ଜାଗାରେ; ଯଦି କୁହାଯାଏ ଦୁବୁନା, ପୁରୁଣାଡିହ, ଖଜୁରୀଡିହି, ହାତୀମରା, ନୟାଗଡ, ବସନ୍ତପୁର କିମ୍ବା ପିଢୋପୋଖରୀ ତେବେ କହୁଛନ୍ତି ହେ ଭଗବାନ ରାସ୍ତା ଜାମ ନାହିଁ ତ? ନହେଲେ ରାତି ପାହିଯିବ ପହଞ୍ଚିବାକୁ । ଏଥିରୁ ଚିନ୍ତାକରନ୍ତୁ ଏଠାକାର ସ୍ଥାନୀୟ ବାସିନ୍ଦା କେମିତି ଜୀବନଯାପନ କରୁଥିବେ । ଏଥିନେଇ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି । ମିତ୍ତଲ କମ୍ପାନୀ ପରିବହନ କ୍ଷେତ୍ରରେ ଅଧିକ ଟ୍ରକଗୁଡିକୁ ଲଗାଇବା ଦ୍ୱାରା ଏଭଳି ରାସ୍ତା ଜାମର ବିଷମ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ମହଲରେ ଦାବି ହେଉଛି ।

## କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ୍ ଲାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସିମିଳିପାଳ ଏଫ୍‌ସି ବିଜୟୀ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ତୃତୀୟ ବାର୍ଷିକ କୁଶ ପଟ୍ଟନାୟକ ମେମୋଲିଆଲ ଫ୍ଲଡ ଲାଇଟ୍ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୧ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍ ମା'ମଙ୍ଗଳା (କଟକ) ଓ ବାରିପଦା ସିମିଳିପାଳ ଏଫ୍‌ସି ମଧ୍ୟରେ ସନ୍ଧ୍ୟା ୬.୩୦ମିନିଟରେ ଖେଳ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା ଖେଳ ହୋଇଥିଲେ ମଧ୍ୟ ସିମିଲପାଳ ଏଫ୍‌ସି ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଥିଲା । ଏହି ଖେଳକୁ ରେଫରୀ ଭାବେ ଜ୍ୟୋତିରଂଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଲାଇନ୍‌ସରେ ବିଜୟ ହେମ୍ବ୍ରମ, ଜିତେନ୍ଦ୍ର କୁମାର ବାରିକ, ଉତ୍ତମ ବାରିକ ଓ ଅକ୍ଷୟ ହେମ୍ବ୍ରମ ସହଯୋଗ କରିଥିବା ବେଳେ ସୁରେଶ ଜେନା ଓ ମଦନ ପାଣି ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ଜଗତସିଂହପୁର ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ ଡଃ ଶମ୍ଭୁନାଥ ରାଉତ, ମନୋରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଫୁଟବଲ ଖେଳାଳୀ ବିନୋଦ ମିଶ୍ର, ଗଗନ ସିଂ, ନିରାକାର ଦଳେଇ, ଦେବବ୍ରତ କରଣ, ରମେଶ ସିଂ, ଅକ୍ଷୟ ମହାନ୍ତି, ନିଲୁ ମହାନ୍ତି, ଅଶୋକ ରାଉଳ, ଆଦିକନ୍ଦ ମହାକୁଡ, କୁଂଜବିହାରୀ ମିଶ୍ର, ଅଖିଳ ପଟ୍ଟନାୟକ, ସୁଦର୍ଶନ ରଣା, ମୁରଲିଧର ମିଶ୍ର, ହଲାଲ ଦାସ, ପ୍ରଦୀପ ହଜାରୀ ପ୍ରମୁଖ ପରିଚାଳନା କରିଥିଲେ ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୦୫

# ଚାହିଦାର ବୃଦ୍ଧିରେ ମୂଲ୍ୟବୃଦ୍ଧି ଦରରେ ହ୍ରାସ ପାଇଥାଏ

ଅର୍ଥଶାସ୍ତ୍ର କହେ ଯେତେବେଳେ ବଜାରରେ ଚାହିଦାର ବୃଦ୍ଧି ପାଇଥାଏ ସେତେବେଳେ ସାମଗ୍ରିର ଦର ବୃଦ୍ଧି ପାଇଥାଏ। ମାତ୍ର ଚାହିଦା ନଥାଇ ଯଦି ସାମଗ୍ରିର ଦର ଆକାଶଛୁଆଁ ହୁଏ ତେବେ ଏହାର ଏକ ମୁଖ୍ୟ କାରଣ ହୋଇଥାଏ ଆମର ଅର୍ଥନୀତିର ଦୁର୍ବଳତା ତଥା ଶାସନର ଅପରିଣାମ ଦର୍ଶିତା। ଯଦି ସରକାର ସାମଗ୍ରିର ଦର ବୃଦ୍ଧିକରି ଅର୍ଥ ବ୍ୟବସ୍ଥାର ଭରଣ କରିବା ପାଇଁ ମନୋବୃତି ରଖନ୍ତି ତେବେ ଦରବୃଦ୍ଧି ଲୋକମାନଙ୍କର ସାମଗ୍ରୀ ଚାହିଦାର ହ୍ରାସ ଘଟାଇଥାଏ। ଯାହାକି ଅର୍ଥବ୍ୟବସ୍ଥା ପାଇଁ ଅନୁକୂଳ ହୋଇନଥାଏ। ଭାରତର ସ୍ଥିତି ବର୍ତ୍ତମାନ ଏହିପରି ଦେଖା ଦେଇଛି। କରୋନା ମହାମାରୀର ବିକଟାଳ ପରିସ୍ଥିତି ଯୋଗୁ ଭାରତୀୟ ବଜାର ଧ୍ୱସ୍ତ,ବିଧ୍ୱସ୍ତ ହୋଇଯାଇଛି। ଭାରତୀୟ ବଜାରରେ ଲୋକମାନଙ୍କର ଚାହିଦାରେ ହ୍ରାସ ଘଟିଛି। ତଥାପ ଲୋକମାନେ ସାମଗ୍ରିର ଦରବୃଦ୍ଧିରେ ଆଉଟ ପାଉଟ ହେଉଛନ୍ତି। ବଜାରରେ ଖାଇବା ତେଲଠୁ ଆରମ୍ଭ କରି ଡାଲି, ପନିପରିବା, ଔଷଧ,ଗ୍ୟାସ, ପେଟ୍ରୋଲ,ଡିଜେଲ ଓ କ୍ଷାର ଯାହାକି ଦୈନିକ ବ୍ୟବହାର୍ଯ୍ୟ ପଦାର୍ଥର ଦାମ ଅହେତୁକ ଭାବେ ବର୍ଦ୍ଧିବାରେ ଲାଗିଛି। ଏହାର ପରିଣାମ ବିଶେଷ ଭାବେ ଅସଂଗଠିତ କ୍ଷେତ୍ରର ଲୋକମାନଙ୍କ ଉପରେ ପଡିଛି। ଯାହାର ପ୍ରଭାବ ମଧ୍ୟ ଭାରତର ଶ୍ରମ ତଥା ଶ୍ରମିକ ମାନଙ୍କ ଉପରେ୯୪ ପ୍ରତିଶତ ପଡିଛି। ପରିସଂଖ୍ୟାନ କହେ ଗତ ମେ ମାସରେ ଦରବୃଦ୍ଧି ବଢି ୬.୩ ପ୍ରତିଶତ ରେ ପହଞ୍ଚି ଥିଲାବେଳେ ଏପ୍ରିଲରେ ଏହା ୪.୩ ପ୍ରତିଶତ ଥିଲା। ହୋଲସେଲ ଦରରେ ମଧ୍ୟବୃଦ୍ଧି ହୋଇ ଏହା ୧୨.୨୯ ପ୍ରତିଶତ ଅଛି। ଯାହାର ସିଧା ପ୍ରଭାବ ଉଭୋକ୍ତାଙ୍କ ଉପରେ ପଡିଛି। ଗତ ମାର୍ଚ୍ଚମାସ ଠାରୁ ଏହିଭଳି ଦରରେ ବୃଦ୍ଧି ହେବାରେ ଦେଖାଯାଇଛି। ଦରବୃଦ୍ଧିରେ ହ୍ରାସ ଘଟିବାର ଅର୍ଥ ଏହାନୁହେଁ ଯେ ଦ୍ରବ୍ୟର ଦରରେ ହ୍ରାସ ଘଟୁଛି। ଏହାର ଅର୍ଥ ଦ୍ରବ୍ୟର ଦାମରେ ବୃଦ୍ଧି ହେଲେ ଏହାର ଚାହିଦାର ହ୍ରାସ ଘଟିଥାଏ। ବର୍ତ୍ତମାନ ପ୍ରଶ୍ନ ଉଠେ ଯଦି ବଜାରରେ ଚାହିଦାର ହ୍ରାସ ଘଟୁଛି ତେବେ ଦରରେ ବୃଦ୍ଧି କଣ ପାଇଁ ହେଉଛି ? ଯାହାର ଅନେକ କାରଣ ଦେଖାଯାଏ। ସବୁଠାରୁ ବଡ କାରଣ ହେଉଛି ଚାହିଦା ପୂରଣର ଅଭାବ। ୨୦୨୦-୨୧ ଦେଶରେ ଖାଦ୍ୟାନ୍ନର ରେକର୍ଡତମ ଉତ୍ପାଦନ ହୋଇଛି ଏବଂ ୨.୬୬ ପ୍ରତିଶତ ବୃଦ୍ଧି ହୋଇ ୩୦.୫କୋଟି ଟନରେ ପହଂଚିଛି। ଏପରି ବୃଦ୍ଧିସତ୍ୱେ ଯଦି ଖାଦ୍ୟାନ୍ନର ମୂଲ୍ୟବୃଦ୍ଧି ହୁଏ ଏହାର ସ୍ପଷ୍ଟ କାରଣ ହେଉଛି ବଜାରରେ ଏହାର ପର୍ଯ୍ୟାପ୍ତ ପରିମାଣର ଭରଣା ହୋଇପାରିନି। ଏହିପରି ଅବସ୍ଥା ଫଳ ଏବଂ ପନି ପରିବାରେ ମଧ୍ୟ ଦେଖାଦେଇଛି। ଏହାର ଏକମାତ୍ର କାରଣ ହେଉଛି ଜମାଖୋର ମନବୃତ୍ତି ଯୋଗୁ ଗୋଦାମରେ ମହଜୁଦ ଥିବା ଖାଉଟି ସାମଗ୍ରିର ଠିକ୍ ସମୟରେ ବଜାରରେ ବିତରିଣ ନହେବା ଯୋଗୁ ଏପରି ସ୍ଥିତି ଦେଖାଯାଇଛି। ପେଟ୍ରୋଲଯାତ ଉତ୍ପାଦନର ଅଙ୍କ ଅଲଗା ପ୍ରକାରର। ଚୀନ, ଆମେରିକା ଭଳି ଅର୍ଥବ୍ୟବସ୍ଥା ରେ ସୁଧାର ଆସିଥିବା ଯୋଗୁ କଞ୍ଚାତେଲ ଧାତୁର ଅନ୍ତରାଷ୍ଟ୍ରିୟ ମୂଲ୍ୟ ବଢିଛି ଯାହାର ପ୍ରଭାବ ଆମ ଅର୍ଥବ୍ୟବସ୍ଥା ଉପରେ ପଡିଛି। ଫଳରେ ବର୍ତ୍ତମାନ ସୁଦ୍ଧା ଏହା କରୋନା ସମୟ ଚକ୍ରରୁ ବାହାରି ପାରିନି।ଏହାର କାରଣ ହେଉଛି ଆମର ସରକାର ଏହା ଉପରେ ବିଭିନ୍ନ ପ୍ରକାରର ଟ୍ୟାକ୍ସ ଲାଗୁ କରିଛନ୍ତି। ମାତ୍ର ପ୍ରକୃତ ତଥ୍ୟାନୁସାରେ ଉତ୍ପାଦନର ଦାମ ସହିତ ଦରବୃଦ୍ଧିର ସିଧା ସମ୍ପର୍କ ରହିଛି। ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ହେବାଯୋଗୁ ସମସ୍ତ ଉପଭୋକ୍ତା ଦ୍ରବ୍ୟର ଦାମରେ ବୃଦ୍ଧି ହୋଇଛି। ଏପରିକି ଫାଷ୍ଟଫୁଡ ମୁଭିଙ୍ଗ କଂଜ୍ୟୁମର ଗୁଡସ୍ ର ନିର୍ମାତା ଙ୍କ ମତରେ ଯୋଗାଣରେ ବାଧାଯୋଗୁ ଏଫ.ଏମ.ସି.ଜି ଦାମରେ ବୃଦ୍ଧି ଘଟେ ମାତ୍ର ତାଙ୍କର ଏପରି ମତ ଠିକ ମନେହୁଏନି। କରୋନାକାଳର ସମସ୍ତ ଅସୁବିଧା ସତ୍ୱେମଧ୍ୟ କେବଳ ଯେ ଅନିବାର୍ଯ୍ୟ ବସ୍ତୁର କିଣା ବିକା ହେଉଛି ତା ନୁହେଁ ଯେଉଁ ସମୟରେ ବେରୋଜଗାରୀ ବୃଦ୍ଧିଯୋଗୁ ଏଫ.ଏମ.ସି ଜି କମ୍ପାନୀ ମାନଙ୍କରେ ନିମ୍ନ ଦେୟରେ ମଧ୍ୟ ଶ୍ରମିକ କାମ କରୁଛନ୍ତି। ଏପରି ପରିସ୍ଥିତିରେ ଲାଭଖୋର ବ୍ୟବସାୟୀ ମାନଙ୍କୁ ସରକାର ଲଗାମ ଲଗାଇବା ଦରକାର। ଅର୍ଥନୀତି କହେ ଚାହିଦାର ହ୍ରାସ ଘଟିବା ସତ୍ୱେ ଯଦି ଦରବୃଦ୍ଧି ହୁଏ ତେବେ ଏହାର ସର୍ବୋଚ୍ଚ ଲାଭ ବୟବସାୟୀ ଉଠାନ୍ତି। ବ୍ୟୟବୃଦ୍ଧିର ଅନ୍ୟ ଏକ କାରଣ ହେଉଛି ସ୍ୱାସ୍ଥ୍ୟ ଦିଗରେ ଖର୍ଚ୍ଚ। କରୋନା କାଳରେ ଲୋକମାନଙ୍କର ଔଷଧ ଖର୍ଚ୍ଚ ବଢିବା ସହିତ ରୋଗୀର ଯତ୍ନ ଦିଗରେ ମଧ୍ୟ ଖର୍ଚ୍ଚ ବଢିଥାଏ। ଯାହାର ପରିଣାମ ସାଧାରଣ ଉପଭୋକ୍ତାଙ୍କ ଉପରେ ପଡିଥାଏ। ପ୍ରଶ୍ନଉଠେ ବର୍ଦ୍ଧିତ ଦର ଉପରେ ଅଙ୍କୁଶ କିପରି ଲଗାଯାଇ ପାରିବ? ସର୍ବ ପ୍ରଥମେ ଦେଶରେ ବା ରାଜ୍ୟରେ ଦ୍ରବ୍ୟ ଭରଣା ଦିଗରେ ବିଶେଷ ଧ୍ୟାନ ଦେବା ଦରକାର। ବଜାରରେ ଖାଦ୍ୟଦ୍ରବ୍ୟ ସାମଗ୍ରୀର ପର୍ଯ୍ୟାପ୍ତ ପରିମାଣର ଆମଦାନୀ ହେବା ଦରକାର। ସରକାର କହିପାରନ୍ତି ଟ୍ୟାକ୍ସ ରେ ହ୍ରାସ ଘଟିଲେ ତାଙ୍କ ଆମଦାନୀରେ ହ୍ରାସ ହୋଇପାରେ। ମାତ୍ର ଯଦି ପ୍ରବଳ ଇଚ୍ଛାଶକ୍ତି ଥାଏ ତେବେ ଏହି ସମସ୍ୟାର ମଧ୍ୟ ସମାଧାନ ହୋଇପାରେ। ସରକାର ଅନୁତ୍ପାଦକ ପରିବର୍ତ୍ତେ ଉତ୍ପାଦକ କର ବଢାଇ ପାରିବେ। ଯଦି ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ପ୍ରାଥମିକତା ହୁଏ ତେବେ ସରକାରଙ୍କୁ ଚାହିଦା ବୃଦ୍ଧି କରିବାର ଉପାୟ ଆପଣେଇବା ଦରକାର ଏହା ସହିତ ଲୋକଙ୍କ ପକେଟକୁ କିପରି ପଇସା ଆସିବ ଏହାର ମଧ୍ୟ ଉପାୟ କରିବା ଦରକାର। ସେୟାର ବଜାରରେ ଲେଣ ଦେଣ ରେ ଟ୍ୟାକ୍ସ ଅସୁଲ କରାଯାଇ ପାରିବ। ଏଥିରେ ସରକାରୀ ତହବିଲରେ ବୃଦ୍ଧି ହେବାସହ ବ୍ୟୟମଧ୍ୟ ବୃଦ୍ଧି ହୋଇନଥାଏ। ଉଦାହରଣ ଯଦି ସେୟାର ବଜାରରେ ପ୍ରତ୍ୟେକ ଦିନ ୧୦ ହଜାର କୋଟି ଟଙ୍କାର ଲେଣ ଦେଣ ହୁଏ ତେବେ ଏହା ଉପରେ ମାତ୍ର ୦.୧ ପ୍ରତିଶତ କର ଲଗାଇଲେ ସରକାରୀ ଖଜଣାରେ ପ୍ରତ୍ୟେହ ୧୦ କୋଟିଙ୍କା ଜମା ହୋଇଥାଏ। କେତେ ଅର୍ଥଶାସ୍ତ୍ରୀଙ୍କ ମତରେ ବ୍ୟୟବୃଦ୍ଧି ଯୋଗୁ ଅର୍ଥ ବ୍ୟବସ୍ଥାରେ ଫାଇଦା ହୋଇଥାଏ। ମାତ୍ର ବର୍ତ୍ତମାନର କରୋନା ସମୟରେ ସାଧାରଣ ଦିନପରି ସ୍ଥିତି ନାହିଁ। ଦେଶରେ ଅସମାନତା ବୃଦ୍ଧିର ଏକ କାରଣ ମଧ୍ୟ ଏଇ ବ୍ୟୟବୃଦ୍ଧି ବ୍ୟବସାୟୀ ମାନେ ଏହାର ଭରପୁର ଲାଭ ଉଠାନ୍ତି। ମାତ୍ର ସାଧାରଣ ଜନତା ଉପରେ ଏହାର ପ୍ରହାର ହୋଇଥାଏ। ସରକାର ଚାହିଦା ବୃଦ୍ଧି କରିବାର ପ୍ରଣାଳୀ ଆପଣେଇ ପାରିଲେ ବ୍ୟୟବୃଦ୍ଧିର ହ୍ରାସ ଘଟିବ।


ଉମା ଶଙ୍କର ପ୍ରସାଦ

ସାମ୍ବାଦିକ, ଖୋର୍ଦ୍ଧା
ମୋ-୬୩୭୦୬ ୭୫୪୬୨

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ସମ୍ପର୍କ, ସମାଜ ଓ ସନ୍ଦେଶ


ଡି ଶୁଭମ୍

ସତେଜ ସକାଳ - ୨

ସାମାଜିକ ପ୍ରାଣୀ ଭାବରେ ମଣିଷ ତାର ସ୍ୱତନ୍ତ୍ର ପରିଚୟ ଏବେବି ବଜାୟ ରଖିଛି। ବିଜ୍ଞାନ ବଳରେ ବଳୀୟାନ ଏ ମାନବ ସମାଜ ସମ୍ପ୍ରତି ସାରା ପୃଥିବୀରେ ଶ୍ରେଷ୍ଠ ପ୍ରାଣୀ ଭାବେ ଗଣା ମଧ୍ୟ ହୋଇସାରିଛି। ଏହି ସମାଜ ଭିତରେ ହିଁ ମଣିଷର ସମ୍ପର୍କ ଆରମ୍ଭ ହୁଏ। ସମାଜ ହିଁ ସମ୍ପର୍କର ଏନ୍ତୁଡ଼ିଶାଳ। ସେ ନିଆଁର ଆଁଚକୁ ଅନୁଭବ କରି ମଣିଷ ନିଜ ମନ ଓ ବିବେକକୁ ଶକ୍ତ କରେ ଯେମିତି ଏ ସମ୍ପର୍କ ଭାଙ୍ଗି ନଯାଉ। କିନ୍ତୁ ସେସବୁ ବର୍ତ୍ତମାନ ଯୁଗରେ ଏକ ପ୍ରହସନର ପ୍ରହେଳିକା। ପୁରାଣ ଯୁଗକୁ ଅବଲୋକନ କଲେ ଆମେ ବୁଝି ପାରିବା ସମାଜ ହିଁ ସମ୍ପର୍କର ସନ୍ଦେଶକୁ ଭଲ ଭାବରେ ଆଲୋକପାତ କରିଦେଉଥିଲା। ବୁଝାଇ ଦେଉଥିଲା କି ଏ ଶାଶ୍ୱତ ପରିକଳ୍ପନାର ମାନେ କଣ ? କିନ୍ତୁ ଏବେ ସମୟ ଆସିଛି ମିଛର ସାଥ ନେଇ ମିଛକୁ ହାତ ବାରିସୀ କରି ସେ ସମ୍ପର୍କର ହତ୍ୟା କରାଯାଉଛି। ସୁତରାଂ ସମାଜ ସନ୍ଦେଶ ଦେଉ , କିନ୍ତୁ ମନ ଭିତରେ ସନ୍ଦେହ ନଆଣୁ। ଏ ସମ୍ପର୍କ ଭିତରେ ଲୁହର ପରିଚିତି ବି ସ୍ୱତନ୍ତ୍ର। ସେ ଲୁହ ସମ୍ପର୍କକୁ ବଂଚାଇପାରେ ଆଉ ଭାଙ୍ଗି ବି ପାରେ। ଲୁହ ପାଖରେ ଏମିତି ଶକ୍ତି ଅଛି ଯେ ସମାଜ ଆଉ ସମ୍ପର୍କକୁ ବି ବାନ୍ଧି ରଖି ପାରେ। ଆଉ ଏହି ଲୁହ ହିଁ ସାଜିକ ପ୍ରାଣୀ ମଣିଷକୁ ସମାଜ ଭିତରେ ରହି ଚଳିବାର ସାନ୍ଦଶ ଦିଏ। ସତରେ ଲୁହ ଗୋଟେ ଅମାନିଆ ଚଢ଼େଇ। କେଉଁ ମୁହୂର୍ତ୍ତରେ ଆଖି ଉପରେ ରାଜ କରେ। ତା'ର ସମୟ ଜ୍ଞାନ ବୋଲି ଜିନିଷ ନଥାଏ। ସେ ତା ଇଚ୍ଛାର ପ୍ରଭୁ। ଆତ୍ମା ଆଉ ଲୁହ ଏ ଦୁଇଟା ଏକ ନିବିଡ଼ ଡ଼ୋରୀରେ ବନ୍ଧା। ଆତ୍ମା କାନ୍ଦେ ଆଉ ଲୁହ ରାଜ୍ କରେ। ଅନ୍ତରର ଦୁଃଖ ଉପରେ ପାଦ ଥାପି ଲୁହ ନିଜର ହକ ଜାହିର କରେ। ଯେବେ ଦୁଃଖର ଇଟା ଯୋଡ଼ି ଯୋଡ଼ି ଘର ହେବାକୁ ବସେ ସେହି ସମୟରେ ଲୁହ ଆଖି ଉପରେ ଭାରି ପଡ଼େ। ଏକଛତ୍ରବାଦ ଶାସନ ବି ଆରମ୍ଭ କରି ମଣିଷକୁ ଚେତେଇ ଦିଏ ଏହି ଲୁହ। ଆଉ ଏସମୟ ବଡ଼ ନିଷ୍ଠୁର- ଯେବେ ଲୁହର ବିକଳ୍ପ କିଛି ନଥାଏ ବରଂ ତାକୁ ସାଥି କରି ତା ଶାସନକୁ ସ୍ୱୀକାର କରି ଆଗକୁ ଚାଲିବାକୁ ହୁଏ। ନିୟତିଙ୍କ ସର୍ଜନା ବଡ଼ ବିଚିତ୍ର। ମଣିଷ ଏ ସମାଜର ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚନା କରାଯାଏ। କାରଣ ମଣିଷ ପାଖରେ ହିତାହିତ ଜ୍ଞାନ ଥାଏ। ସେ ଠିକ୍ ଭୁଲର ବିଚାର କଣ ଜାଣିପାରେ। ସେଥିପାଇଁ ମଣିଷକୁ ବିବେକ ଆଉ ବୁଦ୍ଧିର ପ୍ରାଣୀ ବୋଲି ବି କେହି କେହି କହନ୍ତି। କିନ୍ତୁ ମଣିଷ ଯେବେ ନିଜ ଦାୟିତ୍ୱ ଭୁଲିଯାଏ , ନିଜ ବିବେକର କଥାକୁ ଅବମାନନା କରେ , ସେବେ କଣ ସେ ମଣିଷ ପଦବାଚ୍ୟ ହୋଇପାରେ ? ମାନବ ଜୀବନ ନୁହଁଇ କେବଳ ବର୍ଷ,ମାସ,ଦିନ ,ଦଣ୍ଡ , କର୍ମେ ଜୀଏଁ ନର କର୍ମ ଏକା ତାର , ଜୀବନର ମାନଦଣ୍ଡ। ଅତୀତରେ ମହାପୁରୁଷ ମନେ କହିଯାଇଥିବା ଏ ବାଣୀ ଆଉ କାନକୁ ଶୋଭା ପାଉନି କି ମୁଣ୍ଡରେ ବି ପଶୁନାହିଁ। କାରଣ ଏବେ ତ ଆପେ ବଂଚିଲେ ବାପାର ନାଁ। ଆମେ କାହିଁ ସମ୍ପର୍କର ମୂଲ୍ୟ ବୁଝିବୁ। ଆମେ ଆମ ଇଚ୍ଛା ଅନୁସାରେ କାମ କରିବୁ। ସେଇଥିପାଇଁ ତ ଆମେ ଆମ ଇଚ୍ଛାର ପ୍ରଭୁ। ସତରେ ଏ ଦୁନିଆରେ ବୁଦ୍ଧି ଆଉ ବିବେକ ଥାଇ ମନୁଷ୍ୟ ଏକ ଅବୁଝା ଆଉ ଅମାନିଆ ପ୍ରାଣୀଟିଏ। ଏ ସମାଜକୁ ଆସିବା ପରେ ମଣିଷର ବିଭନ୍ନ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହୁଏ। ସମ୍ପର୍କ କେତେବେଳେ ଭାଇ,ବନ୍ଧୁ,ଭଉଣୀ ତ ଆଉ କବେ ସ୍ୱାମୀ,ସ୍ତ୍ରୀ ଓ ପୁଅର। ଏମିତି ଅନେକ କିଛି। ଏ ସମ୍ପର୍କ ପାଇଁ ତ ସେ ଅନେକ କିଛି କାମକୁ ଏକାକୀ ସହଜରେ କରିପାରେ। ଅନ୍ୟର ସାହାଯ୍ୟ ହେଉ କି ଉପଦେଶ ଏସବୁକ ପାଥେୟ କର ମଣିଷ ନିଜ କର୍ମପଥରେ ଆଗେଇଚାଲେ। ଶ୍ରେଷ୍ଠ ଜୀବ ମଣିଷ ଏହି ସମ୍ପର୍କ ଯୋଗୁଁ ତିଷ୍ଠେ ବୋଲି ବି କୁହାଯାଇପାରେ। ତେବେ ଏ ସମ୍ପର୍କ ଶାଶ୍ୱତ ହେବା ବିଧେୟ। କାରଣ ଏଇଥିପାଇଁ ହିଁ ଘରଟଏ ସୃଷ୍ଟି ହୁଏ। ଏଇଠାରୁ ହିଁ ଜନ୍ମ ନିଏ ପରିବାର। ବାପା-ପୁଅର ସମ୍ପର୍କହେଉ , ଭାଇ-ଭଉଣୀର ସମ୍ପର୍କ ହେଉ କି ସ୍ୱାମୀ ସ୍ତ୍ରୀର ସମ୍ପର୍କ -ଏସବୁଥିରେ ଭରିରହିଛି ଏ ଅହେତୁକ ମମତାର ବନ୍ଧନ। ଏ ବନ୍ଧନ ହିଁ ବାନ୍ଧି ରଖେ ଦୁଇ ଆତ୍ମାକୁ। ସେଥିପାଇଁ ସମ୍ପର୍କ ସବୁବେଳେ ସତତ ଶାଶ୍ୱତ ହେବା ଦରକାର। କିନ୍ତୁ ଏବର ଏକବିଂଶ ଶତାବ୍ଦୀରେ ଏସବୁ କ୍ଷଣିକ ପାଇଁ। କହିବା ବାହୁଲ୍ୟ ଯେ ଏବେ ସେ ସବୁ ସମ୍ପର୍କ କେବଳ ସ୍ୱାର୍ଥରେ ଗଢ଼ା। ଜଣେ ଆପଣଙ୍କୁ ପଦିଏ ମିଠା କଥା କହୁଛି ମାନେ ପରୋକ୍ଷରେ ସେ ଛୁରୀ ଯେ ନମାରିବ , ତାର କିଛି ଗ୍ୟାରେଣ୍ଟି ନଥାଏ। ଯେବେ ସମ୍ପର୍କ ଆରମ୍ଭ ହୁଏ ମିଠା ମିଠା କଥାରୁ ସେତେବେଳେ ଏସବୁ ଆମ୍ରପଲ୍ଲୀ ଆମ୍ବର ସ୍ୱାଦ ଭଳି ଲାଗେ କିନ୍ତୁ ଯେବେ ଏହା ମନ ଭିତରେ ବସା ବାନ୍ଧି ପାକଳ ହେବାକୁ ବସେ , ସେବେ ସେ ସ୍ୱାଦ ବଦଳିଯାଏ। ଖୁବ କମ ସମୟରେ ବି ଏଠି ସବୁ ସତ ମିଛ ହୋଇଯାଏ। ସବୁ ଅନୁଭୂତି ସ୍ମୃତି ପାଲଟିଯାଏ। ସବୁ ଲୁହ ଆଖିରେ ହିଁ ସେହି ସମୟରେ ଭାରିପଡ଼େ। କାନ୍ଦିବାକୁ ଚାହୁଁଥିବା ମଣିଷଟିଏ ଛାତିକୁ ଚାପି ରଖି ଗୁମୁରି ଗୁମୁରି କାନ୍ଦେ। କାହାକୁ ବାଣ୍ଟିହୁଏନା କି କାହାକୁ ଏ ଦୁଃଖ କହି ବି ହୁଏନା। କୁହାଯାଏ ଦୁଃଖ ଟିକେ ହାଲୁକା ହେବା ପାଇଁ ମଣିଷ କାନ୍ଦେ। ଲୁହ ଏମିତି ଏକ ସମ୍ପଦ ଯିଏ ସବୁ ସମୟରେ ଆମ ପାଖରେ ହାଜିର ନଥାଏ।

ଏମିତି ଏକ ସମୟରେ ଏକାକୀପଣ ହିଁ ମଣିଷକୁ ଜୀଇଁ ଜୀଇଁ ମାରେ। ବିଷ ପିଇ ବଂଚିଲା ପରି ମନେ ହୁଏ। ସେଠେ ଲାଗେ ସତରେ କଣ ଏ ସମ୍ପର୍କର ମୂଲ୍ୟ କିଛି ନୁହେଁ। ଏମିତି ଏକ ସମୟ ଯେବେ ଲୁହ ଭାରି ସାଜୁଛି , ଠିକ ସେହି ସମୟରେ ଅଜଣା ଶତ୍ରୁ ବଢ଼ି ଚାଲନ୍ତି। ଏବେ ଭାଇ ଭାଇର ଶତ୍ରୁ , ପୁଅ ବାପାର ଶତ୍ରୁ। ତେବେ ସେ ଭାଇ ହେଉ କି ଭଉଣୀ , ସେମାନେ ନିଜର ହୁଅନ୍ତୁ ବା ନ ହୁଅନ୍ତୁ କିନ୍ତୁ ଏ ଶବ୍ଦର ଅନ୍ତତଃ ଅବମାନନା କରିବା ଅନୁଚିତ। କାରଣ ଯେକୌଣସି ସମ୍ପର୍କ ହେଉ , ଏହା ଏକ ପବିତ୍ର ଶବ୍ଦ। ଏ ମଧୁର ସମ୍ପର୍କ ଆମ ସଂସ୍କୃତିରେ ମହାନ। ଏହାକୁ ଏକ ମାର୍ଜିତ ତଥା ପବିତ୍ର ଅର୍ଥରେ ବୁଝିବୋ ଆବଶ୍ୟକ। ପରିବାର ଚାରିକାନ୍ଥ ଭିତରେ ଗଢ଼ିଉଠୁଥିବା ସମ୍ପର୍କ ଯେ କେବଳ ଶାଶ୍ୱତ ତାହା ନୁହେଁ, ପାଠ ପଢ଼ିଲା ବେଳେ ବି ଆମେ ଅନେକ ସମ୍ପର୍କ ଗଢ଼ିଥାଉ। ଆମେ ପ୍ରକୃତ ବନ୍ଧୁ ପାଉ। ଆମେ ସାନ ଭାଇଟେ ପାଉ। ଆମେ ଭଉଣୀଟେ ବି ପାଉ। କିନ୍ତୁ ଏସବୁ ଯେ କେବଳ କଲେଜର ପାଠ ପଢ଼ିବା ଯାଏଁ ସୀମିତ ସେକଥା ଭାବିବା ଭୁଲ। ପାଠ ପଢ଼ିଲା ବେଳେ ରାକ୍ଷୀ ବାନ୍ଧଥିବା ସେ ଭଉଣୀ ବି ସାରା ଜୀବନ ଯାଏଁ ଆମ ଭଉଣୀ-ଏଇକଥାକୁ ବୁଝିବାକୁ ହେବ। ସେ ବନ୍ଧନକୁ ଅନୁଭବ କରିବାକୁ ହେବ। ତାହେଲେ ଯାଇ ଏ ମାନବ ଜନ୍ମର ସାର୍ଥକତା ପ୍ରତିପାଦିତ ହୋଇପାରିବ। ଆମେ ନିଜକୁ ଗର୍ବର ସହ ଶ୍ରେଷ୍ଠ ପ୍ରାଣୀ ବୋଲି କହୁ। ଏକଥା ଠିକ। କିନ୍ତୁ ଯଦି ଶ୍ରେଷ୍ଠ ପ୍ରାଣୀ ହୋଇ ଆମେ କଳଙ୍କିତ ଅଧ୍ୟାୟ ରଚନା କରିବା , ତାହେଲେ ଆମକୁ ଆଦର୍ଶ ନୁହେଁ ବରଂ ନୀଚ ନଜରରେ ସମସ୍ତେ ଦେଖିବାକୁ ବାଧ ହେବେ। ଆମକୁ ଅନ୍ୟମାନେ ଅନୁସରଣ କରିବାକୁ ହେଲେ ପ୍ରଥମେ ଆମକୁ ଠିକ୍ ହେବକୁ ପଡ଼ିବ। କାରଣ ଯେବେ ମନ ଭିତରେ ମୁଁ ନୁହେଁ ଆମେର କଥା ଆସେ , ସେବେ ହିଁ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଂଜଳି ଦେଇ ସାମୁହିକ ସ୍ୱାର୍ଥ ଦିଗରେ କାର୍ଯ୍ୟ କରିବାକୁ ମଣିଷ ଚିନ୍ତା କରେ। ଏସବୁର ଜାଗରଣ କରିବାକୁ ଶପଥ ନେବାକୁ ହେବ। ନିଜ ବୁଦ୍ଧି,ବିଚାର ଓ ବିବେକର ପ୍ରମାଣ ଦେବାକୁ ହେବ । ତେବେ ଯାଇ ଏ ସଂସାରରେ ଆମେ ଶ୍ରେଷ୍ଠ ପ୍ରାଣୀ ବୋଲି ଗଣାଯିବା।

ବାସୁଦେବପୁର ,ଭଦ୍ରକ

# ମହାରଷି ମଧୁସୂଦନ


ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଢେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି -

"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ। ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ। ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁ ଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ। ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ।ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୁଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା। ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ। ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ୍ୟ କଟକ ଆସି ପାଠପଢ଼ିଲେ। କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ। ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ। ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା। ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା। ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ। କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ। ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା। କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ। ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ। ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି।

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଇ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂତନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ'।୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ୍ୟ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକେ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ।ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ। ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ। କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ।

ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି-

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସନ୍ତତ
ହେ ଦେବ ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ମୋ ସରକାରରେ ଷ୍ଟାଫ ସିଲେକସନ କମିଶନ ଏକ ଚାକିରୀ ବିକ୍ରି ସଂସ୍ଥାର ପରିଣତ ହୋଇଛି : ଛାତ୍ର କଂଗ୍ରେସ

ଭୁବନେଶ୍ୱର : ଦୀର୍ଘ ୨୧ବର୍ଷ ଧରି ନିରବଚ୍ଛନ୍ନ ଭାବେ ରାଜ୍ୟରେ ଶାସନ କରୁଥିବା ବିଜୁ ଜନତା ଦଳର ସରକାର ଅତୀତରେ ରାଜ୍ୟର ଛାତ୍ର ଓ ଯୁବକ ମାନଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ପରବର୍ତୀ ମୁହୂର୍ତରେ ବାରମ୍ବାର ପ୍ରତାରିତ କରିଚାଲିଛନ୍ତି। ନିକଟ ଅତୀତରେ ନିଜେ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି ରାଜ୍ୟରେ ପିସି କାରବାର ଚାଲିଛି ଓ ମୁଖ୍ୟମନ୍ତ୍ରୀ ୫ଟି ମାଧମରେ ଏ କାରବାରକୁ ବନ୍ଦ କରିବେ। କିନ୍ତୁ ଆଶ୍ଚର୍ଯ୍ୟର କଥା ୫ଟିର ସ୍ୱତନ୍ତ୍ର ବିଭାଗ ଅଧିନରେ ଥିବା ଓଡ଼ିଶା ଷ୍ଟାଫ ସିଲେକସନ କମିଶନରେ ଚାକିରୀ ଦେବା ନାମରେ ଯେଉଁଭଳି କେଳେଙ୍କାରୀ ପ୍ରକାଶ ପାଇଛି ତାହା ନବୀନ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ରାଜ୍ୟର ଲକ୍ଷ ଲକ୍ଷ ବେକାର ଛାତ୍ର ଓ ଯୁବକ ମାନଙ୍କର ସ୍ୱର ସହ ତାଳ ଦେଇ ସାରା ରାଜ୍ୟରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସବୁ ଗ୍ରହଣ କରିଛନ୍ତି। ଶ୍ରୀ ନୱାଜ ସରକାରଙ୍କ ଏଭଳି ମନମୁଖି କାର୍ଯ୍ୟ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ଏହି ମର୍ମରେ ରାଜ୍ୟ ଷ୍ଟାଫସିଲେକସନ କମିଶନ ଆଗରେ ଛାତ୍ର କଂଗ୍ରେସ ବିକ୍ଷୋଭ କରିବା ସହିତ ରାଜ୍ୟର ସମସ୍ତ ଜିଲ୍ଲାରେ ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଶ୍ରୀ ନୱାଜଙ୍କ ପ୍ରତକ୍ଷ ତତ୍ୱାବଧାନରେ ଅଦାବଧି ୧୨ଟି ଜିଲ୍ଲାରେ ବିକ୍ଷୋଭ କାର୍ଯ୍ୟକ୍ରମ ସରିଥିଲା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ସମସ୍ତ ଜିଲ୍ଲାରେ ଏହି ଆନ୍ଦେଳନ ଚାଲୁ ରହିବା ସହିତ ଚାଲୁ ରହିବ। ସରକାର ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ନକଲେ ରାଜ୍ୟର ସମସ୍ତ ଛାତ୍ର ଓ ଯୁବସମାଜକୁ ଏକାଠି କରି ଆଗାମୀ ବିଧାନସଭା ଅଧିବେଶନ ସମୟରେ ଛାତ୍ର କଂଗ୍ରେସ ଭୁବନେଶ୍ୱରରେ ଏକ ବିରାଟ ବିକ୍ଷୋଭ କାର୍ଯ୍ୟକ୍ରମ କରିବେ।

# ଛାତରୁ ବଡ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସୁଛି ଦୁର୍ଘଟଣା ଅପେକ୍ଷାରେ ଯୋଡା ବ୍ଲକ ବିଇଓ କାର୍ଯ୍ୟାଳୟ

ଯୋଡା, ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଉତ୍ତମ ଶିକ୍ଷାଦାନର ଭିତ୍ତିଭୂମି ସୁଦୃଢ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିଲେ ମଧ ଶିକ୍ଷା ବିଭାଗର ଅବସ୍ଥାରେ ସୁଧାର ଆସିବା ଦେଖିବାକୁ ମିଳୁନାହିଁ। କେତେବେଳେ ମରାମତି ଅଭାବରୁ ସ୍କୁଲ ଛାତରୁ ସିମେଣ୍ଟ ଖସିବା ଅଭିଯୋଗ ହେଉଥିବା ଶୁଣିବାକୁ ମିଳୁଥିବା ବେଳେ ଏବେ ଖୋଦ ଯୋଡା ବ୍ଲକ ଶିକ୍ଷା ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସିମେଣ୍ଟ କଂକ୍ରିଟ ଖସିବା ଘଟଣା ଜିଲ୍ଲା ଶିକ୍ଷା ବିଭାଗର ଅବସ୍ଥାକୁ ବେଶ ବୟାନ କରୁଛି। ସରକାରଙ୍କ ଯୋଜନା ଗୁଡିକ କେଉଁଠି ଅଧାପନ୍ତରିଆ ହୋଇ ପଡିରହିଛି ତ ଆଉ କେଉଁଠି କାମ ନହୋଇବି ଫାଇଲରେ କାର୍ଯ୍ୟ ଶେଷ ହୋଇ ପୁନର୍ବାର ମେଣ୍ଟେନାନସର କାମ ଅନିୟମିତତାରେ ଚାଲୁଛି। ପୁଣି ଆଉ କେବେ ଏତେ ନିମ୍ନମାନର କାର୍ଯ୍ୟ କରାଯାଉଛି ଯେ ୬ ମାସରୁ ବର୍ଷେ ଏବଂ ପ୍ରାୟ ୧୦ ରୁ ୧୨ବର୍ଷ ମଧ୍ୟରେ ନିର୍ମାଣ ହୋଇଥିବା ବିଭିନ୍ନ ଗୃହ ସରକାରୀ କାର୍ଯ୍ୟାଳୟ ଗୁଡିକ ଭାଙ୍ଗିରୁଜି ଜରାଜୀର୍ଣ୍ଣ ହେବା ସହ ଛାତରୁ ବଡ ବଡ ସିମେଣ୍ଟ ଖଣ୍ଡ ଖସି ବର୍ଷାଦିନେ କାର୍ଯ୍ୟାଳୟ ଭିତରେ କର୍ମଚାରୀ ମାନେ ଅଫିସ କାର୍ଯ୍ୟ ତୁଲାଇବା ଘଟଣାକୁ ଦେଖିଲେ ପିସି ଦ୍ୱାରା କାର୍ଯ୍ୟ କେତେ ଉନ୍ନତ ଓ ସୁରକ୍ଷିତ ବାରି ହୋଇପଡେ। ଏହାର ନଗ୍ନତମ ଜ୍ୱଳନ୍ତ ଉଦାହରଣ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ପରିସରରେ ୫.୪.୨୦୦୨ ମସିହାରେ ଓଡିଶାର ତତ୍କାଳୀନ ମହାମହିମ ରାଜ୍ୟପାଳ ଏମ.ଏମ.ରାଜେନ୍ଦ୍ରନଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଡିପିଇପି କେନ୍ଦୁଝରର ବ୍ଲକ ରିସୋର୍ସ ସେଣ୍ଟରର କୋଠା। ଏହି କୋଠାରେ ଚାଲୁଥିବା ବିଇଓ କାର୍ଯ୍ୟାଳୟ ଛାତରୁ ସିମେଣ୍ଟ ଖଣ୍ଡ ଖସି ଲୁହାରଡ୍ ଦଶି ଛାତରୁ ପାଣି ଗଳି ବର୍ଷାଦିନେ ଅଫିସ ଭିତରେ ପୋଖରୀ ସଦୃଶ୍ୟ ଜଳ ଜମିରହି ଫାଇଲ ଗୁଡିକ ଭିଜି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ କର୍ମଚାରୀ ମାନେ ଛତା ଧରି ଅଫିସ କାର୍ଯ୍ୟ କରିବା ଘଟଣା ବେଶ କୌତୁହଳ ସୃଷ୍ଟି କରେ। ଏହି କାର୍ଯ୍ୟାଳୟଟିରେ ଜଣେ ବ୍ଲକ ଶିକ୍ଷା ଅଧିକାରୀ,୩ ଜଣ ଅତିରିକ୍ତ ଶିକ୍ଷା ଅଧିକାରୀ, ୨ ଜଣ କିରାଣୀ, ୨ ଜଣ ଡାଟା ଅପରେଟର, ୨ ଜଣ ହିସାବ ନିରୀକ୍ଷକ, ୨ ଜଣ ଭିନ୍ନକ୍ଷମ ଶିଶୁ ସହାୟକ, ଜଣେ ପିଅନ ଏହିପରି ମୋଟ ୧୩ଜଣ କର୍ମଚାରୀ କାର୍ଯ୍ୟ କରିଥାନ୍ତି। ତେବେ ଏହି କାର୍ଯ୍ୟାଳୟଟିରେ ଶିକ୍ଷା ଅଧିକାରୀ ଭାବେ ଅଭୟ ବେହେରା ନୂତନ ଭାବେ ଗତ ଡିସେମ୍ବର ମାସରେ ଯୋଗ ଦେଇଥିବା ବେଳେ ତାଙ୍କୁ କେନ୍ଦୁଝର ସଦର ବ୍ଲକ ଏବଂ ଯୋଡା ବ୍ଲକ ୨ଟିର ଦାୟିତ୍ୱ ଦିଆଯାଇଛି। ତେବେ ଏହି ଅଧିକାରୀ ଜଣଙ୍କ ଅଧିକାଂଶ ସମୟ ଯୋଡା ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଫଳରେ ରକ୍ଷଣା ବେକ୍ଷଣା ଅଭାବରୁ ଏହି କାର୍ଯ୍ୟାଳୟଟିର ଅବସ୍ଥା ଶୋଚନୀୟ ହୋଇପଡିଛି। ଉପରୁ ଖଣ୍ଡ ଖଣ୍ଡ ସିମେଣ୍ଟ କଂକ୍ରିଟ ଖସି ପଡୁଥିବାରୁ କର୍ମଚାରୀମାନେ ଭୟଭିତ ହୋଇ ନିଜ ନିଜ ସ୍ଥାନରେ ନବସି ବାହାରେ ବୁଲୁଥିବା ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ସମୟରେ ଶିକ୍ଷକ ଏବଂ ଅଭିଭାବକମାନେ ବହିପତ୍ର, ଛାତ୍ର ବୃତ୍ତି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ କାର୍ଯ୍ୟାଳୟର ଦୁରାବସ୍ଥା ନେଇ ଜିଲ୍ଲାପାଳ ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି। ତେବେ ଦୁର୍ଘଟଣା ଘଟିବା ପରେ ପ୍ରତିକାର ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବାର ଅନେକ ଉଦାହରଣ ଥିବାରୁ କେତେବେଳେ ଦୁର୍ଘଟଣା ଘଟିବ ସେନେଇ ଅପେକ୍ଷାରେ ବିଭାଗୀୟ କର୍ତ୍ତୃପକ୍ଷ ଥିବା ପରି ମନେ ହୁଅନ୍ତି ବୋଲି ସାଧାରଣରେ ଚର୍ଚ୍ଚା।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତାଂଶ, ହେଭି ଯନ୍ତାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି ଆରମ୍ଭ: ବିଜେଡି ଅସଫଳତାକୁ ଅସ୍ତ୍ର କରି ଲୋକଙ୍କ ପାଖକୁ ଯିବ କଂଗ୍ରେସ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପ୍ରଭାରୀ ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦ୍ରାପଡାରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ବାଜିମାତ କରିବ ବୋଲି ସେ କହିଛନ୍ତି। ଶ୍ରୀ କାନୁନଗୋ କହିଥିଲେ ଯେ ବର୍ତ୍ତମାନ ଠାରୁ କଂଗ୍ରେସ ଲୋକଙ୍କ ପାଖକୁ ଯିବ। ବିଜେଡି ସରକାରର ସମସ୍ତ ଅସଫଳତା ସମ୍ପର୍କରେ କଂଗ୍ରେସ ନେତାମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ଅବଗତ କରାଇବେ। ସେ କହିଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଗତ ୨୧ ବର୍ଷ ଭିତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇନାହିଁ। ଆଜି ସୁଦ୍ଧା ଜିଲ୍ଲାରେ ଗୋଟିଏ ହେଲେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାରେ ସରକାର ସଫଳ ହୋଇପାରି ନାହିଁ। କଂଗ୍ରେସ ସରକାର ଅମଳରେ ସାରା ରାଜ୍ୟରେ ୧୮୦ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇଥିଲା। ହେଲେ ଏବେ ସେଥିମଧ୍ୟରୁ ମାତ୍ର ୧୮ଟି କାର୍ଯ୍ୟକ୍ଷମ ଅଛି ବୋଲି କହିଥିଲେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପ୍ରଭାରୀ ଶ୍ରୀ କାନୁନଗୋ। କେନ୍ଦ୍ରାପଡ଼ା ଜିଲ୍ଲାରେ କଂଗ୍ରେସ ଅମଳରେ କୌଣସି ଶୀତଳ ଭଣ୍ଡାର ପ୍ରତିଷ୍ଠା ହୋଇ ନ ଥିଲା ବୋଲି ସେ ସ୍ୱୀକାର କରିଥିଲେ। ସେ କହିଥିଲେ ଯେ ବିଜେଡି ସରକାରଙ୍କ ଅସଫଳତା ବିରୋଧରେ କଂଗ୍ରେସ ଲୋକମାନଙ୍କୁ ବୁଝାଇବ। ଏହି ଉପଲକ୍ଷେ ସହରର କଜଳାସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସେ କହିଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଯେଉଁସବୁ ଉନ୍ନତି ହୋଇଥିଲା ସେଗୁଡ଼ିକ କେବଳ କଂଗ୍ରେସ ସରକାର ଅମଳରେ ହିଁ ହୋଇଥିଲା। ଯେପରି ଏକ୍ସପ୍ରେସ ହାଇୱେ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଲାଗିଥିବା ପାରାଦୀପ ବନ୍ଦର ମଧ୍ୟ କଂଗ୍ରେସ ସରକାର ଅମଳରେ ହୋଇଥିଲା।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ୱେୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ୱେୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ୱେୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ୱେୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢ଼ିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବôକ୍ଷପ୍;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଁଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇôକ୍ଷପ୍;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡ଼ିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ଯୋଡାର ବିଭିନ୍ନ ବିଦ୍ୟାଳୟପରିଦର୍ଶନ କରିଲେ ଜିଲ୍ଲାପାଳ

ଯୋଡା : ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥାରେ ରୁପାନ୍ତରଣ ୫ଟିର ଲକ୍ଷ୍ୟ ପୂରଣ ପାଇଁ ଉଦ୍ୟମ ଜାରି ରହିଥିବା ବେଳେ କେନ୍ଦୁଝର ଜିଲ୍ଲାର ଯୋଡା ବ୍ଲକ ଓ ଯୋଡା ପୌରପାଳିକାର ବିଭିନ୍ନ ବିଦ୍ୟାଳୟକୁ ଜିଲ୍ଲାପାଳ ଆଶିଷ ଠାକରେ ମଙ୍ଗଳବାର ଅପରାହ୍ନରେ ପରିଦର୍ଶନ କରି ଫେରିଛନ୍ତି। ଏହି ସମୟରେ ଜିଲ୍ଲାପାଳ ଯୋଡା ପୌରାଞ୍ଚଳ ଅନ୍ତର୍ଗତ ଯୋଡା ଭ୍ୟାଲି ବାଳିକା ଉଚ୍ଚ ବିଦ୍ୟାଳୟ, କଣ୍ଡରାସ୍ଥିତ ଧରଣୀଧରଣ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ଅକ୍ଟୋବର ମାସ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।




# ମାନସିକ ରୋଗ ଓ ଚିକିତ୍ସକ



ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ। ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା। ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ। ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ। ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ଏଥିସହ ଭାରତରେ ଜନସଂଖ୍ୟା ଢେ଼ର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି। ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି। ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି। ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ। ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନଠାରୁ ପ୍ରାଥମିକତା ହୋଇଥାଏ। ରୋଗୀଟିର ଚିକିତ୍ସା ମାନସିକ ରୋଗ ଚିକିତ୍ସାର କଷ୍ଟଦାୟକ ପ୍ରସଙ୍ଗ ହେଉଛି ଯେ ଏ କ୍ଷେତ୍ରରେ ରୋଗୀଟି ନିଜେ କ'ଣ କରୁଛି, ତାହା ଚାରିପଟର ପୃଥିବୀ କିପରି ଆତଯାତ ହେଉଛି, ତା'ପାଇଁ ଦେବଦୂତ ପାଲଟିଥିବା ଚିକିତ୍ସକଟିଏ ହୁଅନ୍ତୁ ବା ଆତ୍ମୀୟସ୍ୱଜନ। କାହାଙ୍କୁ ଜାଣିବାର ସାମର୍ଥ୍ୟ ପାଇନଥାଏ। ମୋ ପିଲାଦିନରୁ ମୋ ବାପା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପାଖକୁ ଆସୁଥିବା ମାନସିକ ରୋଗୀମାନଙ୍କୁ ଦେଖି ଏ ବିଷୟରେ ଅଧିକ ଜାଣିବା ପାଇଁ ବହୁ ଗବେଷଣା କଲି। କେବଳ ମାନସିକ ରୋଗୀ ମାନଙ୍କ ପାଇଁ 'ମନକଥା ଜାଣନ୍ତୁ' ଶୀର୍ଷକ ପୁସ୍ତିକାରେ ସବିଶେଷ ମାନସିକ ଚିକିତ୍ସା କ୍ଷେତ୍ରର ମୂଲ୍ୟବାନ ପରାମର୍ଶ ଉଲ୍ଲେଖ କରିଛି। ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡେ଼ଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

**ଡାକ୍ତର ସମ୍ରାଟ କର,**
**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼,**
**କଟକ, ଦୂରଭାଷ : ୯୧୩୨୪୩୩୩୩୩**

## ଡଃ. କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ୮ମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା



କେନ୍ଦ୍ରାପଡା (ପିଏନ୍): ବଳଦେବ ଜୀଉ ବିଦ୍ୟାଭବନ ପରିସରରେ ବିଶିଷ୍ଟ ଶିକ୍ଷାବୀତ ତଥା ବିଇଡି କଲେଜର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ଡଃ.କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ପୁରାତନ ଛାତ୍ରସଂସଦ ଓ ବଳଦେବଜୀଉ ବିଦ୍ୟାଭବନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭବାନୀ ପ୍ରସାଦ ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବୀତ ଈଶ୍ୱର ଚନ୍ଦ୍ର ସାହୁ, କୁଳମଣୀ ନାୟକ, ଡା. ନିରଞ୍ଜନ ପରିଡା, ପଣ୍ଡିତ ହୃଷିକେଶ ର. ବିଜୟ କେତନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସ୍ତିଆଙ୍କ ସ୍ମୃତିଚାରଣ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରି ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ସାହୁ, ଶାନ୍ତିଲତା କର, ଅଧ୍ୟାପକ ଅଶୋକ କୁମାର ଦାସ, ଗଦାଧର ବେହେରା, ଡଃ.ସ୍ମୃତିରଞ୍ଜନ ବେହେରା, ଗୌରାଙ୍ଗ ଚରଣ ସାହୁ, ଗଙ୍ଗାଧର ସାହୁ, ଭୈରବାନନ୍ଦ ସାମଲ, ଅଧ୍ୟକ୍ଷ ଲକ୍ଷ୍ମୀଧର ପଲାଇ, ଦିନବନ୍ଧୁ ଲେଙ୍କା, କ୍ଷୀରୋଦ ବେହେରା, ସ୍ୱାଗତିକା ଓଝା, ମଞ୍ଜୁଲତା ପ୍ରଧାନ, ଶିକ୍ଷକ ମଧୁସୁଦନ ବେହେରା, ଡଃ. ପ୍ରଭାକର ମଲ୍ଲିକ, ଉତ୍ତମଚରଣ ପ୍ରଧାନ, ନିରାକାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧୁସୁଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ



କେନ୍ଦ୍ରାପଡା (ପିଏନ୍): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ସବୁବେଳେ ଅସହାୟ ଲୋକମାନଙ୍କୁ ସହାୟତାର ହାତ ବଢାଇଥାଏ । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଡଃ. ଦେବେନ୍ଦ୍ର କୁମାର ଦାସ ସୁଦୂର ଆମେରିକାରେ ଥାଇ ମଧ୍ୟ ବଡହାଟ ଇମାମବାଡାରେ ଅଗ୍ନିବିପନ୍ନଙ୍କ ସମ୍ପର୍କରେ ଖବରପାଇ ତୁରନ୍ତ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଟ୍ରଷ୍ଟର ସଂଯୋଜକ ତଥା ଜନସେବକ ପ୍ରଦୀପ କୁମାର ମହାନ୍ତିଙ୍କୁ ଅନୁରୋଧ କଲେ । ସଂଯୋଜକ ଶ୍ରୀ ମହାନ୍ତି ସଦସ୍ୟ ଚିତ୍ତରଞ୍ଜନ ଦାସଙ୍କ ସହ ବିପନ୍ନ ପରିବାରଙ୍କ ପାଖରେ ପହଁଚି ସେମାନଙ୍କୁ ଶାନ୍ତ୍ୱନା ପ୍ରଦାନ କରି ଷ୍ଟୋଭ, ବିସ୍କୁଟ, ଚୁଡା, ଶାଢୀ ଓ ଲୁଙ୍ଗି ପ୍ରଭୃତି ସହାୟତା ଦେଇ ଏଭଳି ବିପତ୍ତି ସମୟରେ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବିପନ୍ନ ପରିବାରଗୁଡିକୁ ସରକାରୀ ଯୋଜନାର ଅନ୍ତର୍ଭୁକ୍ତ କରି ସେମାନଙ୍କୁ ପକ୍କାଘର ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେକ ଫାରୁକ ସହଯୋଗ କରିଥିଲେ।

# ରାଜ୍ୟ ସରକାରଙ୍କ ଅବହେଳାରୁ ଜଙ୍ଗଲ ଲୋପ ପାଇ ଚାଲିଛି

ଭୁବନେଶ୍ୱର (ଓଏନ୍ଏସ୍): କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଡ଼େରାଡ୍ତୁନ୍‌ଠାରେ ଥିବା ଭାରତୀୟ ବନ ସର୍ଭେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଂଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୮୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହୁଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ହଜାର ବର୍ଗ କି.ମି. ଜଙ୍ଗଲ ଥିବାନେଇ ସନ୍ଦେହ ରହିଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲ୍ଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଂଚଳରେ ଲୁଣା ଜଙ୍ଗଲ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇ ସାରିଛି। ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା। ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ, ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡ଼ିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍‌ସପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋରଷ୍ଟେସନ୍ ଡ଼ିଭିଜନ୍ ଖୋଲିଲେ। ଅର୍ଥାତ୍ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋଗାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡ଼ିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁ ବର୍ଷ ତାପମାତ୍ରା ବଢିଲା। ଭବିଷ୍ୟତରେ ଭୟାବହତାର ଆଶଙ୍କା କରାଗଲା। ଆଉ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷ ଜନକ ପଦକ୍ଷେପ ନେଇ ପାରୁ ନଥିବାବେଳେ ୧୯୮୪ରେ ସୁଇଡ଼େନ୍ ସରକାର ରାଜ୍ୟରେ ଆରମ୍ଭ କଲା, "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ଜଣେ ପ୍ରିନ୍‌ସପାଲ୍ ସିସିଏଫ୍‌ଙ୍କ ଦ୍ୱାରା ଜଙ୍ଗଲ ବିଭାଗ ପରିଚାଳିତ ହେଲେ ମଧ୍ୟ ଭିନ୍ନ ଭିନ୍ନ ଜଙ୍ଗଲ ସଂପଦକୁ ଅଲଗା ଅଲଗା କରାଯିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇବା ସହ ଜଙ୍ଗଲ ସଂପଦର ସୁରକ୍ଷା ହୋଇ ପାରିବ ବୋଲି ଲକ୍ଷ୍ୟ ରଖା ଯାଇଥିଲା। ମାତ୍ର ଆଜି ସରକାର ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବାରେ ବିଫଳ ହୋଇଛନ୍ତି। ଜଙ୍ଗଲ କ୍ଷୟ ଅବ୍ୟାହତ ଥିବାବେଳେ ସାମାଜିକ ବନ୍ୟ ପ୍ରକଳ୍ପ ବିଫଳ ହୋଇଛି। ଜଙ୍ଗଲ ସଂପଦ ଉତ୍ପାଦନ ହ୍ରାସ ପାଇଛି ଓ ଜଙ୍ଗଲ ମାଫିଆ ତଥା କର୍ମଚାରୀଙ୍କ ଦ୍ୱାରା ମୂଲ୍ୟବାନ୍ ଜଙ୍ଗଲ ସଂପଦ ଆଖିବୁଜା ଲୁଟ୍ ହେଉଛି ଏବଂ ବହୁ ସଂଖ୍ୟାରେ ଜଙ୍ଗଲ ପ୍ରାଣୀ ଅକାଳ ମୃତ୍ୟୁ ବରଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧଳା ହରିଣ, କଇଁଛ, କୁମ୍ଭୀର ଓ ବାରହାଙ୍କର ସୁରକ୍ଷା ଓ ସେମାନଙ୍କର ବଂଶ ବୃଦ୍ଧି ପାଇଁ ରାଜନଗର ୱାଇଲଡ଼ ଲାଇଫ୍ ଡ଼ିଭିଜନ୍ ଖୋଲାଯାଇ ଥିବାବେଳେ ଟାଇଗର୍ ପ୍ରକଳ୍ପ ପାଇଁ ସିମିଳିପାଳ ଅଭୟାରଣ୍ୟ ବା ୱାଇଲଡ଼ ଲାଇଫ୍ ଡ଼ିଭିଜନ୍ ତଥା ହାତୀ, ବାଘ, ଗୟଳ, ସମ୍ବର ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ଉଦ୍ୟାନ ପ୍ରାୟ ୬୬୭୭.୫୦ବର୍ଗ କି.ମି. ଅଂଚଳରେ ପ୍ରତିଷ୍ଠା କରାଯାଇଥିଲା। ବିଭାଗୀୟ ଅବହେଳା ଓ ସୁରକ୍ଷା ଅଭାବରୁ ଅକାଳ ହାତୀ ମୃତ୍ୟୁ ଘଟଣା ବଢିଚାଲିଛି। ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରିଚାଳନାରେ ବ୍ୟାପକ ତୃଟି ରହୁଥିବାରୁ କୁମ୍ଭୀର, ଅଲିଭ୍ ରିଡ଼ଲେ କଇଁଛ, ବିଦେଶୀ ପକ୍ଷୀ, ବାରହା ଓ ଧଳା ହରିଣ ଆଦି ଜୀବଜନ୍ତୁ ତଥା ସରୀସୃପ ଅସୁରକ୍ଷା ବଳୟ ଭିତରେ ରହୁଛନ୍ତି। କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ଯୋଗୁ କ୍ରମେ ଏଠାକୁ ଆସୁଥିବା କଇଁଛଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଉଛନ୍ତି। ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାୟ ୫୦ହଜାର ହେକ୍ଟର ଅଂଚଳରେ ବୃକ୍ଷରୋପଣ କରା ଯାଇଥିବା ବେଳେ ୪୦ହଜାର ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୫ହଜାର ହେକ୍ଟର ବେଳାଭୂମିରେ ଝାଉଁ ବୃକ୍ଷ ରୋପଣ ଓ ବ୍ୟକ୍ତିବିଶେଷଙ୍କ ବାଡ଼ି ବଗିଚାରେ ବୃକ୍ଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପର ସଂଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେହେତୁ କେତେକ କାର୍ଯ୍ୟକ୍ରମ ଖାତାପତ୍ର ବା ଘୋଷଣାରେ ସୀମିତ ରହିଥିବାବେଳେ ଆଉ କେତେକ କାର୍ଯ୍ୟକାରୀତାରେ ଅନିୟମିତତା ରହିଛି। ସରକାର ଆନ୍ତରିକତାର ସହ ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଜଙ୍ଗଲ ସଂପଦରୁ ରାଜ୍ୟ ସରକାରଙ୍କର ଆୟ ଧାର୍ଯ୍ୟଲକ୍ଷ୍ୟରୁ ବହୁ କମ୍ ରହୁଛି। ସରକାର ଦୃଷ୍ଟି ଦେଲେ, ରାଜ୍ୟରେ କେନ୍ଦୁପତ୍ରରୁ ବର୍ଷକୁ ଅତିରିକ୍ତ ୨୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ ପାରନ୍ତା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରତିକାନ୍ତ ହେଲେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ଯୁବକଂଗ୍ରେସ ସଭାପତି



କେନ୍ଦ୍ରାପଡା (ପିଏନ୍): ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ. ସ୍ମୃତିରଞ୍ଜନ ଲେଙ୍କା କେନ୍ଦ୍ରାପଡାର ଯୁବ ସଂଗଠକ ରତିକାନ୍ତ ସାମଲଙ୍କୁ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ଯୁବ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଯୁବନେତା ଶ୍ରୀ ସାମଲଙ୍କ ଉପରେ ଭରସା କରି ତାଙ୍କୁ ଏଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆର ସାଧାରଣ ସମ୍ପାଦକ ସମ୍ମିତ ଶ୍ରୀଚନ୍ଦନଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।

## ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନା ଅଧିକାରୀଙ୍କୁ କୋଭିଡ ଯୋଦ୍ଧା ସମ୍ମାନ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର କାଳନ୍ଦି ବେହେରାଙ୍କୁ କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି । କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା ସଂସଦ ପକ୍ଷରୁ ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଶ୍ରୀ ବେହେରାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସଭ୍ୟ ଚିତ୍ତରଞ୍ଜନ ଦାସ ଓ ଗୌରାଙ୍ଗ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ବୈଠକ

ଭୁବନେଶ୍ୱର (ପିଏନ୍)-ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ତରଫରୁ ଭୁବନେଶ୍ୱର ଜିଲ୍ଲା, ଜୋନ ଏବଂ ୱାର୍ଡ଼ ସଂଯୋଜକମାନଙ୍କର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ନନ୍ଦ ସଭାପତିତ୍ୱ କରିଥିଲେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ତିନୋଟି ଜୋନର ସଂଯୋଜକ ଯଥା: ଉତର ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀଯୁକ୍ତ ଲୋକନାଥ ଦାଶ, ଏକ୍ରାମ ନିର୍ବାଚନ ମଣ୍ଡଳୀର ସଂଯୋଜକ ଶ୍ରୀ ମଂଟୁ ମଲ୍ଲିକ, ମଧ୍ୟ ନିର୍ବାଚନ ମଣ୍ଡଳୀର ସଂଯୋଚକ ଶ୍ରୀ ତ୍ରିନାଥ ସାହୁ ଏବଂ ପ୍ରତ୍ୟେକ ୱାର୍ଡର ସଂଯୋଜକମାନେ ସାଂଗଠନିକ ଆଲୋଚନାରେ ଭାଗନେଇଥିଲେ। ଭୁବନେଶ୍ୱର ଜିଲ୍ଲାରେ କିପରି ଭାବରେ କଂଗ୍ରେସ କାର୍ଯ୍ୟକମ୍ରର ମୂଳଧାରା ଲୋକଙ୍କର ସେବା ଓ ଗାନ୍ଧୀଙ୍କ ଚିନ୍ତାଧାରାର ସମାଜ ଗଠନ ଏବଂ ସମାଜରେ ଥିବା ଭୁଲ ଲୋକଙ୍କଠାରୁ ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ଏବଂ ସୁସ୍ଥ ସମାଜ ଗଠନରେ କଂଗ୍ରେସ କର୍ମୀ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ କୁନାଲ ବାର୍ନାଜୀ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଓବିସି ବିଭାଗର ଶ୍ରୀ ରାଜକିଶୋର ବାରିକ, ଓଡ଼ିଶା ଆରଜିପିଏସର ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ମନୋରଂଜନ ଦାଶ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଜୟକୃଷ୍ଣ ସୁବୁଦ୍ଧି, ଶତୃଘନ ବେହେରା, ସଂଜୀବ ମହାନ୍ତି, ମନୋରଂଜନ ରାଉତରାୟ, ଉମେଶ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ନିଷ୍ପତି ନିଆଗଲା ଯେ କିପରି ଖୁବଶୀଘ୍ର ପ୍ରତ୍ୟେକ ୱାର୍ଡରୁ ପଂଚାୟତିରାଜ ସଂଗଠନକୁ ସୁଦୃଢ଼ ଏବଂ ସଂଗଠିତ କରାଯିବ ସେଥିନେଇ ଆଲୋଚନା ହୋଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଯାଜପୁର (ପିଏନ୍): ଯାଜପୁର ବ୍ଲକ ଜାହାନପୁର ଗ୍ରାମପଞ୍ଚାୟତର ବଖାଣପୁର ଗ୍ରାମର ବିଶିଷ୍ଟ ସଂସ୍କୃତି ପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ପଦ୍ମଲୋଚନ ଭଦ୍ରଙ୍କ ଗତ ତା୦୨.୦୨.୨୦୨୧ ରିଖ ଦିବା ୧ ଘଟିକା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ସଂସ୍କୃତିପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ଗ୍ରାମ ବଖାଣପୁରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଓ ଧର୍ମ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ କରି ସେଠାକାର ଅଞ୍ଚଳରେ ନିଜକୁ ଉଚ୍ଚ ସମ୍ମାନରେ ରଖିପାରିଥିଲେ। ସେ ଜୟଦୁର୍ଗା କିର୍ତ୍ତନ ମଣ୍ଡଳୀର ସଭାପତି ଭାବେ ଦୀର୍ଘଦିନ ଦାୟିତ୍ୱରେ ରହି ସୁରୁରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ବଖାଣପୁର ଅଞ୍ଚଳ ସମେତ ଆଖପାଖ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ରୁଣ୍ଡ ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପରିବାରର ପୁଅ, ବୋହୂ, ନାତି, ନାତୁଣି ଓ ସମସ୍ତ ପରିବାର ଉପସ୍ଥିତ ଥିଲେ। ସେ ମେଳାପି ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁରେ ମନୋଜ ରାଉତ, ସନ୍ତୋଷ ନନ୍ଦ, ଗଦାଧର ଦାସ, କାହ୍ନୁ ଚରଣ ସ୍ୱାଇଁ, ମାନସ ରଞ୍ଜନ ପଣ୍ଡା, ଜାହାନପୁର ସରପଞ୍ଚ ସୁଧାଂଶୁ ଆଚାର୍ଯ୍ୟ, ପୁର୍ଣ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ପଣ୍ଡା, ଶିବପ୍ରସାଦ ଖିଲାର, ବିଳାସ ରାଉତ, ବିଦ୍ୟାଧର ରାଉତ, ବିରେନ ନାୟକ, ବିରେନ ମହାନ୍ତି, ଚୈତନ୍ୟ ପ୍ରଧାନ ପ୍ରଭୃତି ଶୋକ ବ୍ୟକ୍ତ କରିଛନ୍ତି।

## କପାଳେଶ୍ୱର ଗାଁ କଲ୍ୟାଣ ସମିତିର କରୋନା ସଚେତନତା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗାଁ କଲ୍ୟାଣ ସମିତିର କୋଭିଡ-୧୯ରେ ଗ୍ରାମ୍ୟ ନିରିକ୍ଷଣ ଓ ୱାର୍ଡ ନିରିକ୍ଷଣ କମିଟିର ସଭ୍ୟସଭ୍ୟାମାନଙ୍କୁ ନେଇ ଆଗାମୀ ଦିନରେ କରୋନା ସଚେତନତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ମୁଖ୍ୟ ଅତିଥି ଓ ବ୍ଲକ ଉପସଭାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମର ୱାର୍ଡସଭ୍ୟ ଓ ଭଦ୍ରବ୍ୟକ୍ତି ମଲ୍ଲିକ ଅଲିଜାନ, କେ. ଗୌରୀରାଓ, ସେକ ଅୟୁନୁଲ ଇସଲାମ, ସୟଦ ସମସେର ଅଲ୍ଲୀ, ଏମଡି. ପରୱେଜ ସଜାଦ, ରାମଚନ୍ଦ୍ର ସାହୁ, ମୀର ସଫିକ, ଅବଦୁଲ ସଲିମ, ଅବଦୁଲ କଲାମ, ଦାମୋଦର ସାହୁ, ଅକ୍ଷୟ କୁମାର ଦାସ, ସଂଗ୍ରାମକେଶରୀ ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ କୁମୁଦିନି ମହାନ୍ତି, ସମସେରା ବେଗମ, ବାସନ୍ତି ସାହୁ, ଗୀତାଞ୍ଜଳି ମହାନ୍ତି, ଭାରତୀ ମଲ୍ଲିକ, ସହାୟିକା ସାବିତ୍ରୀ ଦାସ, ନଗମା ବିବି, କଇନାରାଣୀ ପାତ୍ର, ଆଶାକର୍ମୀ କଳ୍ପନା ମହାନ୍ତି ଓ ପୁଷ୍ପଲତା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଓଡିଶା ରାଜ୍ୟ ସ୍କାଉଟସ୍ ଓ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକ ତଥା ସାହିତ୍ୟ ଭୂଷଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡିତ ରଘୁନାଥ ମିଶ୍ରଙ୍କର ୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ମୁଖ୍ୟାଳୟ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସଭାଟିକୁ କରୋନାର ନିୟମାବଳୀ ଅନୁଯାୟୀ ସମଦୂରତା ରକ୍ଷାକରି, ସାନିଟାଇଜର ବ୍ୟବହାର ଏବଂ ମୁହଁରେ ମାସ୍କ ଲଗାଇ ପାଳନ କରାଯାଇଥିଲା। ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି ସଭାରେ ସହଯୋଗିତା ରହିଥିଲେ।




## କେନ୍ଦ୍ରାପଡା ପୌରସଂସ୍ଥାରେ ଅନିୟମିତତା ଓ ଦୁର୍ନୀତି ପ୍ରତିବାଦରେ ନଗର ବିଜେପିର ଗଣଧାରଣା

କେନ୍ଦ୍ରାପଡ଼ା : ଓଡିଶାର ସର୍ବପୁରାତନ ପୌରସଂସ୍ଥା କେନ୍ଦ୍ରାପଡାରେ ବିକାଶରେ ବାଧା,ନାନା ସମସ୍ୟା, ଅନିୟମିତତା ଓ ଦୁର୍ନୀତି ପ୍ରତିବାଦରେ ନଗର ବିଜେପି ପକ୍ଷରୁ ପୌରସଂସ୍ଥା ସମ୍ମୁଖରେ ଗଣଧାରଣା ପ୍ରଦର୍ଶନ କରାଯାଇଛି । ନଗର ସଭାପତି ଦିଲ୍ଲିପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନା, ସୁନାକର ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ଉପସଭାପତି ଉପୀନ ରାଉତ, ଗଗନବିହାରୀ ସାହୁ, ଡଃ. କଳ୍ପନା ମଲ୍ଲିକ, ନେହେରୁ ସାହୁ, ଶଶାଙ୍କ ଶେଖର ସେଠୀ, ଅଭିମନ୍ୟୁ ଗୋଛାୟତ, ମନୀନ୍ଦ୍ର ରାଉତ, ଭୁବନ ସିଂ, ବିନ୍ଦୁସାଗର ଦାସ, ପ୍ରିୟଦର୍ଶିନୀ ନନ୍ଦ, ରଞ୍ଜିତ ଆଚାର୍ଯ୍ୟ, ନୃସିଂହ ପତ୍ରୀ, ପବିତ୍ର ପରିଡା, ବିଭୁତି ଭୂଷଣ କର, ମୁକ୍ତିକାନ୍ତ ସ୍ୱାଇଁ, ଅମିତାଭ ସୁଆର, ମହମ୍ମଦ ସଲିମ ଖାଁ, ସୁଧୀର ପରିଡା, କାନନବାଳା ଦାସ, ରାଜେନ୍ଦ୍ର ପତି, ସୁବାଷ ସାହୁ, ପଦ୍ମଲୋଚନ ମହାପାତ୍ର, ସିଦ୍ଧାର୍ଥ ସିଂ, ଦେବେନ୍ଦ୍ର ଜେନା, ଜୟୀରାମ ବେହେରା, ଗୋପବନ୍ଧୁ ମହାପାତ୍ର, ପ୍ରଦୀପ ନାୟକ, ଚିତ୍ତରଞ୍ଜନ କର, ନିହାରିକା ନାୟକ, ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ପୌରସଂସ୍ଥାର ଦୁର୍ନୀତି ସମ୍ପର୍କରେ ବିଷୋଦଗାର କରିଥିଲେ । ପୌରସଂସ୍ଥାର ପରିମଳ, ପାନୀୟଜଳ, ସଡକ, ଆଲୋକ ବ୍ୟବସ୍ଥା ନିୟମିତ ଓ ବ୍ୟବସ୍ଥିତ କରିବା, ବର୍ଷାଜଳ ନିଷ୍କାସନ ପାଇଁ ଦୁହୁରିଆ ଠାରୁ ସହର ମଧଦେଇ ଅଙ୍ଗୁଳେଇ ପର୍ଯ୍ୟନ୍ତ ଯାଇଥିବା ମଧୁସାଗରର ପୁନରୁଦ୍ଧାର କରାଯିବା, କେନ୍ଦ୍ରାପଡା କେନାଲକୁ ଆବର୍ଜନାମୁକ୍ତ କରାଯିବା, ପୌର କାର୍ଯ୍ୟାଳୟରେ ଥିବା ଦୁର୍ନୀତିଖୋର କର୍ମଚାରୀଙ୍କ ବଦଳି, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ପ୍ରଭୃତି ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଉପଜିଲ୍ଲାପାଳ ତଥା ପୌର ପ୍ରଶାସକଙ୍କୁ ପ୍ରଦାନ କରାଯାଇଥିଲା । ଏହି ଦାବି ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମି ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ ।

## ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ଭଦ୍ରକ: ଆବାସ ଯୋଜନାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି । ଯାହାର ପ୍ରତିବାଦରେ ଆଜି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟରେ ଧଶେଇ ପଶି ଭଙ୍ଗାରୁଜା କରିଛନ୍ତି ସ୍ଥାନୀୟ ଗ୍ରାମବାସୀ ଓ ବିଜେପି କର୍ମୀ । ଏଠାରେ ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅନ୍ତର୍ଗତ କୁବେରା ପଚାଂୟତରେ ନିକଟରେ ପ୍ରକାଶ ପାଇଥିବା ଆବାସ ଯୋଜନା ତାଲିକାରେ ଅନେକ ସ୍ୱଚ୍ଛଳ ବର୍ଗର ଲୋକଙ୍କ ନାମ ରହିଛି ଓ ଦଳୀୟ ନୀତିରେ ଏହି ନାମ ତାଲିକା ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି ।

## ଖରିଫ୍ ଚାଷର ସାର ସମସ୍ୟାକୁ ନେଇ ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର: ଅଧିକ ଅମଳ ପାଇଁ ସାରର ଆବଶ୍ୟକତା ଏକାନ୍ତ ଜରୁରୀ। କିନ୍ତୁ ଚଳିତ ଖରିଫ୍ ଚାଷରେ ସାର ଅଭାବରୁ ଚାଷ କ୍ଷେତ୍ର ବାଧାପ୍ରାପ୍ତ ହେବାକୁ ଯାଉଛି। ବର୍ତମାନ ରୁଆ ବେଉଷଣର ଠିକଣା ସମୟରେ ରାଜ୍ୟରେ ଆବଶ୍ୟକ ପରିମାଣର ୟୁରିଆ ଓ ଅନ୍ୟାନ୍ୟ ସାରର ଘୋର ଅଭାବ ରହିଛି। କେନ୍ଦ୍ର ହେଉ କି ରାଜ୍ୟ ହେଉ ସାର ଯୋଗାଣ ଓ ବିତରଣରେ ଚାଷୀଙ୍କ ପ୍ରତି ଯେପରି ଅବହେଳା ପ୍ରଦର୍ଶନ କରୁଛନ୍ତି ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ସରକାରଙ୍କ ଘୋଷଣା ଅନୁଯାୟୀ କୃଷି ଉତ୍ପାଦନ ବଢ଼ିବ କିପରି ଏବଂ ଚାଷୀର ଆୟ ୨୦୨୨କୁ ଦୁଇଗୁଣା ହେବ କିପରି ବୋଲି କିଷାନ କଂଗ୍ରେସ ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି। ରାଜ୍ୟର କୋଟା ଅନୁଯାୟୀ କେନ୍ଦ୍ର ଜୁଲାଇ ମାସ ସୁଦ୍ଧା ୨ ଲକ୍ଷ ୧୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ଦେବା ପରିବର୍ତେ ମାତ୍ର ୧ଲକ୍ଷ ୪୫ ହଜାର ଟନ୍ ୟୁରିଆ, ୧ଲକ୍ଷ ୫୨ ହଜାର ମେଟ୍ରିକ୍ ଟନ୍ ଡିଏପି ପରିବର୍ତେ ୯୮ ହଜାର ମେଟ୍ରିକ୍ ଟନ୍, ଏନ୍‌ପିକେ ୧ ଲକ୍ଷ ୫ ହଜାର ମେଟ୍ରିକ୍ ଟନ୍ ପରିବର୍ତେ ୬୭ ହଜାର ମେଟ୍ରିକ୍ ଟନ. ଏମଓପି ୬୧ ହଜାର ମେଟ୍ରିକ୍ ଟନ୍ ପରିବର୍ତେ ୪୩ ହଜାର ମେଟ୍ରିକ୍ ଟନ୍ ସାର ରାଜ୍ୟ ପାଇଛି। ମୋଟାମୋଟି ଜୁଲାଇ ମାସ ସୁଦ୍ଧା ମୋଟ୍ କେନ୍ଦ୍ରର ଏଗ୍ରିଡ ସପ୍ଲାଇ ୫ ଲକ୍ଷ ୫୭ ହଜାର ମେଟ୍ରିକ୍ ଟନ୍‌ରୁ ମାତ୍ର ୩ଲକ୍ଷ ୯୦ ହଜାର ୯୭୦ ମେଟ୍ରିକ୍ ଟନ୍ ସାର ମିଳିଛି। ଜୁଲାଇ ସୁଦ୍ଧା ମୋଟ୍ ୬ ଲକ୍ଷ ୨୦ ହଜାର ୮୦ ମେଟ୍ରିକ୍ ଟନ୍‌ରୁ ୩ ଲକ୍ଷ ୯୦ ହଜାର ୯୭୦ ଟନ୍ ଓଡ଼ିଶାକୁ ମିଳିଥିବା ବେଳେ ଆଉ ୨ ଲକ୍ଷ ୩୦ ହଜାର ମେଟ୍ରିକ୍ ଟନ୍ ସାର ଏପର୍ଯ୍ୟନ୍ତ ଓଡ଼ିଶାକୁ ମିଳିନାହିଁ। ଏପରି ପରିସ୍ଥିତିରେ ଚାଷୀ କରିବେ କଣ ? ରେଳ ବିଭାଗ ଆବଶ୍ୟକ କେ ନର ଦେଉ ନାହିଁ, ଠିକଣା ସମୟରେ ରେଲଓ୍ୱେ ର୍‍ୟାକ ମଧ ଲାଗୁନାହିଁ। ଅନୁରୂପଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ସାରର ସୁ-ବିତରଣ କରାଯାଉ ନାହିଁ। ଅନେକ ଜାଗାରେ କଳାବଜାରୀ ସୃଷ୍ଟି ହେବା ସହିତ ୟୁରିଆ ୨୬୬ ଟଙ୍କା ୫୦ ପଇସା ପରିବର୍ତେ ଚାଷୀ ୪୦୦ ରୁ ୫୦୦ ଟଙ୍କାରେ ବାଧ ହୋଇ କିଣୁଛନ୍ତି। ସାରର କଳାବଜାରୀ ଓ ବଜାର ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ବର୍ତମାନ ସମୟରେ ସାରର ବଫର ଷ୍ଟକର ଆବଶ୍ୟକତା ରହିଛି। ମାର୍କଫେଡ୍ ପକ୍ଷରୁ ରାଜ୍ୟର ୨୭୦୮ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ସାର ବିକ୍ରୟ କରାଯାଉଛି ବୋଲି ସରକାର କହୁଥିବା ବେଳେ ବହୁ ସମିତିରେ ସମ୍ପାଦକ ନାହାନ୍ତି କି ସାର କାରବାର ହେଉନାହିଁ ବୋଲି କିଷାନ କଂଗ୍ରେସ ଅଭିଯୋଗ କରିଛି। ଏହାର ଆଶୁ ପ୍ରତିକାର ପାଇଁ ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ନିକଟକୁ ଏକ ସ୍ମାରକପତ୍ର ଦେଇଛନ୍ତି। କେନ୍ଦ୍ର ସରକାର ରାଜ୍ୟର ବକେୟା ସାର ଓ ବର୍ତମାନର ଆବଶ୍ୟକ ଥିବା ସାରକୁ ତୁରନ୍ତ ଓଡ଼ିଶାକୁ ଯୋଗାଇବା ଏବଂ ରାଜ୍ୟ ସରକାର ସାରର ସୁ-ବିତରଣ, କଳାବଜାରୀ ରୋକିବା ସହ ପ୍ରତି ବ୍ଲକସ୍ତରରେ ସ୍କାର୍ଡ ଗଠନ କରିବାକୁ ଦୃଢ଼ ଦାବୀ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଦାଶରଥି ସାହୁ, ଇଂ ଅରବିନ୍ଦ ସାମଲ, ନାରାୟଣ ଚନ୍ଦ୍ର ପରିଡ଼ା, ଭୁବନାନନ୍ଦ ସାମଲ, ନରେନ୍ଦ୍ର ରାଉତ, ପ୍ରେମାନନ୍ଦ ସ୍ୱାଇଁ ପ୍ରମୁଖ ଚାଷୀର କ୍ଷେତକୁ ଯାଇ ସରକାର ସାରର ଆବଶ୍ୟକତା ଅନୁଭବ କରିବା ସହ ତୁରନ୍ତ ଚାଷୀମାନଙ୍କୁ ସାର ଯୋଗାଇ ଦେବା ପାଇଁ ମଧ ଦାବୀ କରିଛନ୍ତି।

## ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ

କନ୍ଧମାଳ : ଫୁଲବାଣୀ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଚ୍ଛାତା ପକ୍ଷ ପାଳିତ ହୋଇଯାଇଛି । ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା କ୍ରୀଡା ଅଧିକାରୀ ଜୀତେନ୍ଦ୍ର କୁମାର ମହାକୁଡ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବରେ କଲ୍ୟାଣି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର କୁମାର ସାହୁ.ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ନବନିତ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ଯୁବକ ଯୁବତୀ ମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଉପସ୍ଥିତ ଯୁବକଯୁବତୀ ମାନଙ୍କୁ କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ । ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ପାକ୍ଷ ପାଳନ କାର୍ଯ୍ୟକ୍ରମ ଅଗଷ୍ଟ ମାସ ୧ ତାରିଖ ଠାରୁ ଆମ୍ଭ କରାଯାଇ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଅଂଚଳରେ ପାଳିତ ହେବ ବୋଲି ଯୁବ ଅଧିକାରୀ ସମସ୍ତଙ୍କୁ ଜଣାଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର ସହେଯାଗୀ କର୍ମୀ ସତ୍ୟବାନ ଦଳବେହେରା ଅତିଥି ସ୍ୱାଗତ କରିଥିଲେ । ଶେଷରେ ସ୍ୱେଚ୍ଛାସେବୀ ସୋନାଲି ଦିଗାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଇ-ସେବା ଲୋକାର୍ପିତ

ଭୁବନେଶ୍ୱର: ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ନ୍ୟାୟମୂର୍ତ୍ତି ଡ. ଏସ୍. ମୁରଲୀଧର ବିଭିନ୍ନ ପ୍ରକାର ଇ-ସେବା କାର୍ଯ୍ୟକ୍ରମର ଉନ୍ମୋଚନ କରିଛନ୍ତି । ହାଇକୋର୍ଟ ମୋବାଇଲ୍ ଆପ୍, ଜିଲ୍ଲା ଏବଂ ସବ୍ ଅର୍ଡିନେଟ୍ କୋର୍ଟର ଜରିମାନା, ଭୁବନେଶ୍ୱର ଏବଂ କଟକ କମିଶନରେଟ୍ ପୋଲିସର ଟ୍ରାଫିକ୍ ଇ-ଚାଲାଣ ପାଇଁ ଭର୍ଚୁଆଲ୍ କୋର୍ଟ ଏବଂ ମୁଖ୍ୟ ବିଚାରପତିଙ୍କ କୋର୍ଟ ବିଚାରର ସିଧା ପ୍ରସାରଣ ଉଭୟ ଓକିଲ ଏବଂ ମକଦ୍ଦମାର ସଂପୃକ୍ତ ପକ୍ଷଙ୍କ ସୁବିଧା ପାଇଁ ନ୍ୟାୟପ୍ରଦାନ ଆଦି କାର୍ଯ୍ୟ ଏହି ଇ-ସେବା ପରିସରଭୁକ୍ତ ହେବ ।ହାଇକୋର୍ଟ ଜଜ୍, ଜିଲ୍ଲା ଜଜ୍, ଆଡ୍‌ଭୋକେଟ୍ ଜେନେରାଲ୍, ପୋଲିସ୍ ଡିଜି, କଟକ-ଭୁବନେଶ୍ୱର ପୋଲିସ କମିଶନର, ରାଜ୍ୟ ପରିବହନ ଅଥରିଟିର କମିଶନର ତଥା ଅଧ୍ୟକ୍ଷ ଏବଂ ଅନ୍ୟ ଗଣ୍ୟମାନ୍ୟ ଅତିଥିଙ୍କୁ ସମ୍ବୋଧନ କରି ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତି ଏସ୍. ମୁରଲୀଧର ବୈଷୟିକ ଜ୍ଞାନକୌଶଳର ପ୍ରାୟୋଗ ମାଧ୍ୟମରେ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ସୁପ୍ରିମ୍‌କୋର୍ଟଙ୍କ ଇ-କମିଟିଙ୍କର ନିରନ୍ତର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି । କୋର୍ଟ ବିଚାରର ସିଧାପ୍ରସାରଣ ଯୋଗୁଁ କୋର୍ଟର କାର୍ଯ୍ୟରେ ସ୍ୱଚ୍ଛତା ବଢ଼ିବା ସହ ଜନସାଧାରଣଙ୍କ ଭରସାଯୋଗ୍ୟ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି ।ହାଇକୋର୍ଟର ସୂଚନା ପ୍ରଯୁକ୍ତି ଏବଂ ଇଂଟେଲିଜେନ୍ସ କମିଟି ଅଧ୍ୟକ୍ଷ ନ୍ୟାୟମୂର୍ତି ବିଶ୍ୱଜିତ୍ ମହାନ୍ତି, ପୂର୍ବତନ କମ୍ପ୍ୟୁଟର ତଥା ଷ୍ଟିୟରିଂ କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତି ଶତ୍ରୁଘ୍ନ ପୂଜାହାରୀ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ଏହି ବ୍ୟବସ୍ଥାର ଉପଯୋଗ ସଂପର୍କରେ ମତବ୍ୟକ୍ତ କରିଥିଲେ । ହାଇକୋର୍ଟ ମୋବାଇଲ୍ ଆପ୍, ଇ-ପେମେଂଟ ମାଧ୍ୟମରେ ଜରିମାନା ଆଦାୟ, ଭର୍ଚୁଆଲ୍ କୋର୍ଟ ସଂପର୍କରେ ସବିଶେଷ ତଥ୍ୟ କୋର୍ଟର ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଅଛି ।

## ଖରିଫ ଋତୁରେ ଧାନ କିଣା ପାଇଁ ପଂଜୀକରଣ ଆରମ୍ଭ

ଭୁବନେଶ୍ୱର: ୨୦୨୦-୨୧ ଖରିଫ୍ ଋତୁରେ ଚାଷୀମାନଙ୍କ ଠାରୁ ଧାନକ୍ରୟ ନିମନ୍ତେ ପଂଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସମସ୍ତ ପ୍ରକୃତ ଚାଷୀମାନଙ୍କର ସଠିକ୍ ପଂଜୀକରଣ ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଖରିଫ୍ ଋତୁରେ କୌଣସି ପ୍ରକୃତଚାଷୀ ଯେପରି ଅନ୍‌ଲାଇନ୍ ଧାନକିଣା ପ୍ରକ୍ରିୟାରେ ଧାନ ବିକ୍ରୀ କରିବାକୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ପୂର୍ଣ୍ଣ ସଜାଗ ରହିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଧାନକ୍ରୟ ପାଇଁ ଚାଷୀ ପଂଜୀକରଣ ଅଗ୍ରଗତି ବିଷୟ ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଭିଡ଼ିଓ କନଫ୍ରେରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଚାଷୀ ପଂଜୀକରଣ ଏବଂ ଧାନକ୍ରୟ ସମ୍ବନ୍ଧିତ ପ୍ରଶାସନିକ ଓ ବୈଷୟିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଜିଲ୍ଲାଓ୍ୱାରୀ ପଂଜୀକରଣ ବ୍ୟବସ୍ଥା ସମୀକ୍ଷାକରି କ୍ଷେତ୍ର-ସତ୍ୟାପନ ନିମନ୍ତେ ଆବଶ୍ୟକ ସଂଖ୍ୟାରେ ମିଳିତ ଟିମ୍ ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । କୃଷି ଓ କୃଷକ ସଶକ୍ତି କରଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସମବାୟ ଏବଂ ଜଳ ସଂପଦ ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ ମାନଙ୍କୁ ସାମିଲ୍ କରି ଟିମ୍ ଗଠନ କରିବା ନିମନ୍ତେ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଟିମ୍‌ମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କର ସବିଶେଷ ତଥ୍ୟ, ଚାଷ ହୋଇଥିବା ଜମିର କାଗଜପତ୍ର, କିସମ, ଧାନ ଚାଷର ଆକାର, ଜଳସେଚନ ଉତ୍ସ, ଚାଷୀଙ୍କର ବ୍ୟାଙ୍କ୍ ଆକାଉଣ୍ଟ, ମୋବାଇଲ୍ ନମ୍ବର ଆଦି ତନଖି କରି ଅନ୍-ଲାଇନ୍ ବ୍ୟବସ୍ଥାରେ ସଠିକ୍ ଭାବେ ପଂଜୀକରଣ ତଥ୍ୟପନ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉଭୟ କ୍ଷେତ୍ର ପରିଦର୍ଶନ ଏବଂ ସାଟେଲାଇଟ୍ ତଥ୍ୟ ମାଧ୍ୟମରେ ଧାନ ଚାଷର ସତ୍ୟାପନ ପାଇଁ ବୈଠକରେ ସ୍ଥିର ହୋଇଥିଲା । ଏହା ଫଳରେ ସମସ୍ତ ପ୍ରକୃତଚାଷୀ ନିଜ ନିଜ ଉତ୍ପାଦିତ ଧାନ ବିକ୍ରୀ ପାଇଁ ସୁଯୋଗ ପାଇବା ସହ ସମ୍ଭାବ୍ୟ ମଧ୍ୟସ୍ଥ ବେପାରୀଙ୍କୁ ବାଦ ଦିଆଯାଇ ପାରିବ । ଚାଷ ବିଷୟ ସତ୍ୟାପନ ପରେ ସଂପୃକ୍ତ ଚାଷୀଙ୍କୁ ପଂଜୀକରଣ ତଥ୍ୟ ଜଣାଇ ଦିଆଯିବ । ଚାଷୀ-ମାନଙ୍କର ଅଭିଯୋଗର ଶୁଣାଣୀ ସହ ସେସବୁର ଆଶୁ ସମାଧାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

## ଭଦ୍ରକ ଜିଲାପାଳଙ୍କ ଧାମନଗର ଆଦର୍ଶ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଭଦ୍ରକ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଘୋଷଣା କରାଯାଇ ଏହାର କାର୍ଯ୍ୟ ଦୃତଗତିରେ ଚାଲୁଥିବାବେଳେ ତା'ର ଅଗ୍ରଗତି ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ଦାସ ବିଦ୍ୟାଳୟରେ ପହଂଚି ସମୀକ୍ଷା କରିଥିଲେ । ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯାଇ ଅକ୍ଟୋବର ମାସ ଭର୍ଚୁଆଲ ମୋଡ଼ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯିବବୋଲି ଜଣାଯାଇଛି । ଏଥିପାଇଁ ମୋ ସ୍କୁଲ ଯୋଜନାରେ ଧାମନଗର ଉଚ୍ଚ ବିଦ୍ୟାଳୟକୁ ୩୦ଲକ୍ଷ ଟଙ୍କା ଦିଆଯାଇଥିବାବେଳେ ଧାମନଗର ଏନ୍‌ଏସି ତରଫରୁ ୧୫ଲକ୍ଷ ଟଙ୍କା ଦିଆଯାଇଛି । ଏହି ଅର୍ଥ ଧାମନଗର ଏନ୍‌ଏସି ଦ୍ୱାରା ଖର୍ଚ୍ଚ କରାଯାଉଥିବାବେଳେ ଏଥିରେ ଦୁଇଟି ସ୍ମାର୍ଟକ୍ଲାସ ରୁମ୍, ଗୋଟିଏ ଇ-ଲାଇବ୍ରେରୀ, ଗୋଟିଏ ଆଧୁନିକ ବିଜ୍ଞାନ ପରୀକ୍ଷା ଗାର ନିର୍ମାଣ କରାଯାଉଛି । ଏହା ଛଡା ବିଦ୍ୟାଳୟ ପରିସରରେ ଉନ୍ନତମାନର ଏକ ଉଦ୍ୟାନ ନିର୍ମାଣ କରାଯିବାର ଯୋଜନା ରହିଛି । ଜିଲ୍ଲାପାଳଙ୍କ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ବ୍ଲକ ଶିକ୍ଷାଧିକାରୀ ପିତାମ୍ବର ବାରିକ, ପ୍ରଧାନ ଶିକ୍ଷକ ମୁରଲିଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଧାମନଗର ଉଚ୍ଚ ବିଦ୍ୟାଳୟ ପରିସରରେ କୌଣସି ନୂତନ ଗୃହ ନିର୍ମାଣ କରାନଯାଇ ପୁରୁଣା ଘରକୁ ନବିକରଣ କରାଯାଉଥିବାରୁ ବିଦ୍ୟାଳୟ ସମ୍ପୁର୍ଣ୍ଣ ଖୋଲିଲେ ପାଠ ପଢାପାଇଁ ଶ୍ରେଣୀ ଗୃହର ଅଭାବ ହେବବୋଲି ଜଣାଯାଇଛି । କୋଭିଡ଼ ମହାମାରୀ ସମୟରେ ପ୍ରାୟ ୨ବର୍ଷ ଧରି ଧାମନଗର ହାଇସ୍କୁଲ ଖେଳପଡ଼ିଆକୁ ସର୍ବସାଧାରଣଙ୍କ ପରିବା ହାଟ ଭାବେ ବ୍ୟବହାର କରାଯାଉଥିବାବେଳ ଏହାକୁ ଆଦର୍ଶ ବିଦ୍ୟାଳୟ ଗଢିବାରେ ବାଧାସୃଷ୍ଟି କରୁଛିବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ଫୁଲବାଣୀରେ ମାଉଜର ଦେଖାଇ ଲକ୍ଷାଧିକ ଟଙ୍କା ସମେତ ଗହଣ ଲୁଟ୍

କନ୍ଧମାଳ : ଫୁଲବାଣୀ ସ୍ଥିତ ପଟାବାଲି ସାହିରେ ଜଣେ ବ୍ୟବସାୟୀଙ୍କ ଘରେ ପଶି ଲୁଟେରା ମାନେ ଘର ମାଲି ଏକୁଟିଆ ଥିବାବେଳେ ତାଙ୍କୁ ମାଉଜର ଦେଖାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ତାଙ୍କ ଘରେ ଥିବା ଲାକ୍ଷାଧିକ ଟଙ୍କା ସମେତ ୫୦ ତୋଳା ସୁନା ଗହଣା ଏବଂ ଅନ୍ୟାନ୍ୟ ଜିନିଷ ଲୁଟି ନେଇଥିବା ଜଣାପଡିଛି । ସୂଚନା ଅନୁସାରେ ଫୁଲବାଣୀର ପୁରାତନ ବ୍ୟବସାୟୀ ତଥା ଶିଳ୍ପପତି ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ପଟାବାଲି ସାହିରେ ଥିବା ବାସ ଭବନରେ ଗତ ରବିବାର ପ୍ରାୟ ୧୦ଟା ରାତିରେ ତାଙ୍କ ପୁଅ ବୋହୁ ଘରେ ନଥିବା ସ୍ଥଳେ ୩ ଜଣ ଦୁର୍ବୃତ ତାଙ୍କ ଘରେ ପଶିବା ସହିତ ତାଙ୍କୁ ମାଉଜର ଦେଖାଇ ତାଙ୍କ ମୁଣ୍ଡରେ ମାଉଜର ବଟରେ ଆଘାତ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇ ଘରେ ଟଙ୍କା ସୁନା କେଉଁଠାରେ ଅଛି ବୋଲି ପଚାରିଥିଲେ । ତାଙ୍କ ଘରେ ଥିବା ଆଲମିରାରୁ ପ୍ରାୟ ୫୦ ତୋଳା ସୁନା ଗହଣା ଏବଂ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ।

## ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର: ଉପସ୍ଥାନ କମ୍‌ଥିବା ଆଳ ଦର୍ଶାଇ ରାଜ୍ୟ ସରକାର୨୦୧୮ ମସିହାରେ ରାଜ୍ୟର ୧୪,୩୭୯ଟି ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତି ନେଇଥିଲେ ଏବଂକରୋନା ମହାମାରୀର ସୁଯୋଗ ନେଇ ଏହାକୁ ୨୦୨୦-୨୦୨୧ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିଲେ। ସ୍କୁଲ ବନ୍ଦ-ମିଶ୍ରଣ ନୀତିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ସହିତ ତୁରନ୍ତ ବିଦ୍ୟାଳୟଗୁଡ଼ିକୁ ଖୋଲି ନାମଲେଖା ଆରମ୍ଭ କରିବା ଦାବୀରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସାରା ଓଡିଶା ଦାବୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜି ଭୁବନେଶ୍ୱର ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଗଞ୍ଜାମ, ବଲାଙ୍ଗିର, ଯାଜପୁର, ବାଲେଶ୍ୱର, କୋରାପୁଟ, ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ ଆଦି ରାଜ୍ୟର ବିଭିନ୍ନ ସ୍ଥାନ ମାନଙ୍କରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି ।ତେଣୁ ଏହି ପରିସ୍ଥିତିରେ ରାଜ୍ୟ ସରକାର କାଳ ବିଳମ୍ବ ନକରି ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରିବନ୍ଦ କରାଯାଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତ ଖୋଲି ନାମଲେଖା ଆରମ୍ଭ କରିବା ଦାବିରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ଗଣେଷ ତ୍ରିପାଠୀ, ସୁବାସ ନାୟକ, ସିଦ୍ଧାର୍ଥ ରଥ, ବିନୋଦ ସେଠୀ, ଜୟନ୍ତ ମହାନ୍ତି, ନସିମ ସରକାର, ସପ୍ତର୍ଶିନୀ ରାଉଳ, ତରୁଣସେନ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସରକାର ଯଦି ଦାବୀ ପୁରଣ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରୀ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସରକାରୀ ନିଯୁକ୍ତିରେ ବୟସ ସୀମା ବୃଦ୍ଧି ଦାବି: ଜିଲ୍ଲା ଯୁବ କଂଗ୍ରେସ

ନୂଆପଡା: ସରକାରୀ ନିଯୁକ୍ତିରେ ଆବେଦନ ବୟସ ସୀମା ୪୨ ବର୍ଷ ବୃଦ୍ଧି ନିମନ୍ତେ ନୂଆପଡା ଜିଲ୍ଲା ଯୁବ କଂଗ୍ରେସ ସଭାପତି କପିଲେନ୍ଦ୍ର ଭୋଇ ଯାଦବଙ୍କ ନେତୃତ୍ୱରେ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ମୁଖ୍ୟ ଶାସନ ସଚିବଙ୍କୁ ଜିଲ୍ଲାପାଳ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଗଲା । ଓଡିଶାରେ ସରକାରୀ ନିଯୁକ୍ତି ପାଇଁ ବୟସସୀମାରେ ତାରତମ୍ୟ ଥିବାରୁ ବହୁ ମେଧାବୀ ଛାତ୍ରଛାତ୍ରୀ ମାନେ ଉଚ୍ଚତର ଶିକ୍ଷା ହାସଲ ପରେ ମଧ ସରକାରୀ ଚାକିରୀରେ ଆବେଦନ କରିବା ସୁଯୋଗରୁ ବଂଚିତ ହେଉଛନ୍ତି । ପ୍ରକାଶ ଯୋଗ୍ୟକି ବର୍ତମାନ ସରକାରୀ ଚାକିରୀରେ ରାଜ୍ୟର ସାଧାରଣ ବର୍ଗଙ୍କ ବୟସ ସୀମା ୩୨ ବର୍ଷ ଥିବାବେଳେ, ଗୋଆରେ ୪୫, ଆସାମରେ ୪୪, ତେଲେଙ୍ଗାନାରେ ୪୪, ଆନ୍ଧ୍ରରେ ୪୨, ଉତ୍ତରପ୍ରଦେଶ, ରାଜସ୍ଥାନ, ପଚିମାବଙ୍ଗ ଓ ମଧ୍ୟପ୍ରଦେଶରେ ୪୦ ବର୍ଷ ଧାର୍ଯ୍ୟ କରାଯାଇଛି । ଏହା ସତ୍ୟ ଯେ ଓଡ଼ିଶାରେ ସର୍ବୋଚ୍ଚ ବୟସ ୪୨ କୁ ସୀମା ବୃଦ୍ଧି କରାଗଲେ ଆଶାୟୀ ପ୍ରାର୍ଥୀଙ୍କ ଆବେଦନ ସଂଖ୍ୟା ମଧ ସେହି ଅନୁପାତରେ ବୃଦ୍ଧିହେବ । ଜିଲ୍ଲା ଯୁବ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶାହରୁଖ୍ ଖାନ୍, ଖଡ଼ିଆଳ ବିଧାନସଭା ଯୁବ କଂଗ୍ରେସ ସଭାପତି ଚନ୍ଦ୍ରଶେଖର ତାଣ୍ଡି, କୋମନା ବ୍ଲକ ଯୁବ କଂଗ୍ରେସ ସଭାପତି ନରେନ୍ଦ୍ର କୁମାର ନାଗ, ବୋଡେନ ବ୍ଲକ ଯୁବ କଂଗ୍ରେସ ସଭାପତି ରାଇସିଂଗ ମାଝି, ଜିଲ୍ଲା ଯୁବ କଂଗ୍ରେସ ସାଧାରଣ ସଂମ୍ପାଦକ ବିଶ୍ୱମ୍ବର ଜଗତ, ଜିଲ୍ଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝୀ,ପ୍ରେମ ତାଣ୍ଡି, ଭିମ ଯାଦବ, ଯୁବ ନେତା ଏମ୍ ଡି ଆସିଫ୍, ଖାମସିଂ ମାଝି, ବରିଷ୍ଠ ଯୁବ ନେତା ହିରାଧର ମେହେର, ରଂଜିତ ସବର, ଅଶୋକ ଦଣ୍ଡସେନା, ସୁମିତ ପତି ପ୍ରମୁଖ ଉପସ୍ଥିତ ଥିଲେ।

## +୨ ଅବନ୍ତିକା ବିଜ୍ଞାନ କଲେଜର ଶତ ପ୍ରତିଶତ ସଫଳତା

ଭଦ୍ରକ: ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ, ପ୍ରଶାସନିକ ଭିତିଭୂମି ମେଧାଶକ୍ତିକୁ ଉଜ୍ଜିବୀତ କରି ସଫଳତାର ଶୀର୍ଷରେ ପହ ।ଇ ଥାଏ ବୋଲି +୨ ବିଜ୍ଞାନର ବିକଳ୍ପ ମୂଲ୍ୟାୟନ ପରିପ୍ରେକ୍ଷୀରେ ପ୍ରକାଶ ପାଇଥିବା ପରୀକ୍ଷା ଫଳରେ ଅବନ୍ତିକା ବିଜ୍ଞାନ କଲେଜ ତା'ର ନିଜସ୍ୱ ଗାରିମା ବଜାୟ ରଖି ଶତ ପ୍ରତିଶତ ସଫଳତା ହାସଲରୁ ସ୍ପଷ୍ଟ ଅନୁମାନ କରିହୁଏ। ମୋଟ ୧୧୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇ ଏକ ଗୌରବଜ୍ୱୋଳ ଅଧ୍ୟାୟ ସୃଷ୍ଟି କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେମାନଙ୍କ ମଧ୍ୟରୁ ୭୪ଜଣ ପ୍ରଥମ ଶ୍ରେଣୀ, ୨୭ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୪ଜଣ ତୃତୀୟ ଶ୍ରେଣୀ ଲାଭ କରିଛନ୍ତି। ତିହିଡ଼ି ସି.ଆର୍.ଏସ୍. ହାଇସ୍କୁଲର ସଫଳ ଛାତ୍ରୀ ମାନସୀ ବେହେରା ଅବନ୍ତିକା କଲେଜରୁ +୨ ବିଜ୍ଞାନରେ ୫୩୮ ନମ୍ବର ରଖି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଏହା କମ୍ ଗୌରବର କଥା ନୁହେଁ। ଆହୁରି ମଧ ଅତୀତକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ୨୦୨୦ ମସିହା +୨ ବିଜ୍ଞାନ ପରୀକ୍ଷାରେ ବିକାଶ ଲେଙ୍କା ୫୧୬ ନମ୍ବର ରଖି ଅବନ୍ତିକା କଲେଜକୁ ସୁନାମ ଆଣି ଦେଇଥିଲେ। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, ଏହାର ଆଦର୍ଶ ଶିକ୍ଷାଦାନ ପଦ୍ଧତି, ଦୃଢ଼ ଭିତିଭୂମି ଛାତ୍ରଛାତ୍ରୀମାନଙ୍କ ସମ୍ଭାବନାମୟ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଏକ ଏକ ମାଇଲ୍ ଖୁ । କଲେଜର ସଫଳତାରେ ସାରା ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲା ତଥା ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ସରକାରୀ ନିଯୁକ୍ତିର ବୟସସୀମା ବୃଦ୍ଧି ଦାବିରେ ଯୁବ କଂଗ୍ରେସର ରାଜ୍ୟବ୍ୟାପୀ ବିକ୍ଷୋଭ

ଭୁବନେଶ୍ୱର ; ସରକାରୀ ନିଯୁକ୍ତିରେ ସାଧାରଣ ବର୍ଗଙ୍କ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷ ବୃଦ୍ଧି କରିବା ଦାବିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ରାଜ୍ୟରେ ହୁ ହୁ ହୋଇ ବେକାରୀ ସମସ୍ୟା ବଢ଼ି ଚାଲିଛି, ବର୍ତମାନ ବିଭିନ୍ନ ସାମାଜିକ, ଅର୍ଥନୈତିକ ଅବସାଦ କାରଣରୁ ଛାତ୍ରଛାତ୍ରୀ ମାନେ ଚାକରୀ ଉପଯୋଗୀ ପାଠ୍ୟକ୍ରମ ସାରିବାବେଳେକୁ ନିଯୁକ୍ତି ବୟସ ଅତିକ୍ରାନ୍ତ ହୋଇଯାଉଛି। ସରକାରୀ ଚାକିରୀରେ ନିଯୁକ୍ତି ବିଜ୍ଞାପନ ଅବଧି ମଧ ୫ ବର୍ଷରୁ ଅଧିକ ରହୁଥିବାରୁ ବହୁ ମେଧାବୀ ଛାତ୍ରଛାତ୍ରୀମାନେ ସୁଯୋଗ ପାଇପାରୁ ନାହାନ୍ତି। ବିଭିନ୍ନ ରାଜ୍ୟରେ ବୟସସୀମା ମଧ ବୃଦ୍ଧି ଘଟିଛି, ପ୍ରକାଶ ଯୋଗ୍ୟ ଆସାମରେ-୪୪, ଗୋଆ-୪୫, ତେଲେଙ୍ଗାନା- ୪୪, ଆନ୍ଧ୍ର- ୪୨, ଉତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶରେ ୪୦ବର୍ଷ ରହିଛି। ଓଡ଼ିଶାରେ ବୟସ ସୀମାର ଏମିତି ତାରତମ୍ୟ କାରଣରୁ ବହୁ ମେଧାବୀ ଛାତ୍ରଛାତ୍ରୀ ମାନେ ଉଚ୍ଚତର ଶିକ୍ଷା ହାସଲ ପରେ ମଧ ସରକାରୀ ଚାକିରୀର ଆବେଦନ ପାଇଁ ସୁଯୋଗ ପାଇ ପାରୁନାହାନ୍ତି।

## ଭାରତୀୟ ମହିଳା ହକି ଦଳ ରଚିଲା ଇତିହାସ

ଟୋକିଓ: ଭାରତୀୟ ମହିଳା ହକି ଦଳ ଏବେ ସୁଦ୍ଧା ଟୁର୍ଣ୍ଣାମେଂଟରେ ପରାଜୟ ଥିବା ଅଷ୍ଟ୍ରେଲିଆ ଟିମ୍‌କୁ ୧-୦ରେ ପରାସ୍ତ କରି ଟୋକିଓ ଅଲମ୍ପିକ୍ ସେମିଫାଇନାଲରେ ପ୍ରବେଶ କରଛି । ପ୍ରଥମ ଥର ପାଇଁ ଭାରତୀୟ ହକି ଦଳ ଅଲମ୍ପିକ୍ ରେ ସେମିଫାଇନାଲରେ ପ୍ରବେଶ କରିଛି ।କ୍ୱାଟର ଫାଇନାଲ ମ୍ୟାଚରେ ଭାରତୀୟ ଦଳର ପ୍ରଦର୍ଶନ ଦେଖିବାର ଥିଲା । ବିଶେଷ କରି ଗୋଲକିପର ସବିତା ପୁନିଆଙ୍କର ଖେଳ । ଅଷ୍ଟ୍ରେଲିଆକୁ ୭ଟି ପେନାଲଟି କର୍ଣ୍ଣର ମିଳିଥିଲା କିନ୍ତୁ ଗୋଲପୋଷ୍ଟରେ ଗୋଟିଏ ବି ପ୍ରବେଶ କରିପାରି ନଥିଲା । ମ୍ୟାଚର ୨୨ତମ ମିନିଟରେ ଡ୍ରେଗ ଫିଲକର ଗୁରଜିତ କୌର ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ ଏବଂ ଏହା ଶେଷରେ ନିର୍ଣ୍ଣାୟକ ବୋଲି ପ୍ରମାଣିତ ହୋଇଥିଲା ।ଭାରତୀୟ ଟିମ୍ ଟୋକିଓରେ ଭଲ ଆରମ୍ଭ କରିନଥିଲେ । ଟିମର ପ୍ରଥମ ୩ଟି ମୁକାବିଲାରେ ହାର ମାନିଥିଲା । ନେଦରଲାଣ୍ଡ ୫-୧ରେ ଜର୍ମାନୀ ୨-୦ରେ ଏବଂ ବ୍ରିଟେନ ୪-୧ରେ ମାତ ଦେଇଥିଲେ ।

## ବିଧାୟକ ଙ୍କ ଗାଁ କୁ ଯିବା ପାଇଁ ନିର୍ମାଣ ଧିନ ରାସ୍ତାରେ ଠିକ ଭାବେ ଡ଼ାଇଭର୍ସନ ହୋଇନଥିବା ଅଭିଯୋଗ

ମାଲକାନଗିରି : ସ୍ଥାନୀୟ ଅଂଚଳର ବିଧାୟକ, ସେଥିପାଇଁ ବ୍ୟସ୍ତତା ମଧ୍ୟରୁ ସମୟ ବାହାର କରି ଗାଆଁ କୁ ଆସିଲେ ଆଖପାଖ ଅଂଚଳର ଲୋକେ ଚାଲି ଆସନ୍ତି ନିଜର ଦୁଃଖ ଜଣାଇବାକୁ । ତେବେ ବିଧାୟକ ଙ୍କ ଗାଆଁ କୁ ଯାଉଥିବା ରାସ୍ତା ମଝିରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସଠିକ ଡାଇଭର୍ସନ ବ୍ୟବସ୍ଥା କରାଯାଇନଥିବାରୁ ଯାତାୟତ ରେ ସମସ୍ୟା ଦେଖା ଦେଇଛି । ଏଭଳି ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ନିର୍ବାଚନ ମଣ୍ଡଳୀ ର ବିଧାୟକ ଆଦିତ୍ୟ ମାଢ଼ି ଙ୍କ ନିଜସ୍ୱ ଗାଁକୁ ସଂଯୋଗ କରୁଥିବା ବାପନପଲ୍ଲୀ - ରୋଡନପଲ୍ଲୀ ମୁଖ୍ୟ ରାସ୍ତାରେ । ଗତ ଦୁଇଦିନ ଧରି ଏହି ରାସ୍ତାରେ ଏକ ପୋଲ ନିର୍ମାଣ କାମ ପାଇଁ ସମ୍ପୃକ୍ତ ଠିକାଦାର ଜଣ ଙ୍କ ରାସ୍ତା ଖୋଲି ଥିଲେ ମଧ ଉପଯୁକ୍ତ ଡାଇଭର୍ସନ ବ୍ୟବସ୍ଥା କରି ନଥିବାରୁ ବାପନପଲ୍ଲୀ ପଂଚାୟତର ସିଲାକୋଟା, ରୋଡନପଲ୍ଲୀ, ମେଟାଗୁଡା ସମେତ ଆଖପାଖ ଅଂଚଳର ପ୍ରାୟ ୭ ଟି ଗାଆଁ ର ଲୋକ ବାପନପଲ୍ଲୀ ପଂଚାୟତ ରୁ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଅପର ପାର୍ଶ୍ୱରେ ଥିବା ବାପନପଲ୍ଲୀ ପଂଚାୟତ ସଦର ମହକୁମା ସମେତ ଆଖପାଖ ଅଂଚଳର ଗ୍ରାମବାସୀ ଏହି ଅଂଚଳ କୁ ଯାତାୟତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୋଲ ନିର୍ମାଣ ପାଇଁ ଖୋଳା ଯାଇଥିବା ରାସ୍ତା ର ଗୋଟିଏ ପାର୍ଶ୍ୱରେ ଅଣଓସାରିଆ ଭାବେ ଚିକିଟା ମାଟି ପକା ଯାଇଥିବାରୁ ଲୋକେ ମୋଟର ଗାଡି ତ ଦୂରର କଥା ଖାଲି ପାଦରେ ଚାଲିଗଲେ ମଧ କାଦୁଅ ସରବର ପଡୁଛନ୍ତି । ଗତକାଲି ଏହି ରାସ୍ତା ଦେଇ ବିଧାୟକ ଙ୍କୁ ଭେଟି ସ୍ଥାନୀୟ ଅଂଚଳର ସମସ୍ୟା ଜଣାଇବାକୁ ଯାଉଥିବା ଅଶୋକ ମଲ୍ଲ, ପୁନେମ ମୁଡା , ଜଗା କାମରାମ , ରାମା ମାଢି, ଶରତ ବେଟୀ ପ୍ରମୁଖ ଏଭଳି ଅସୁବିଧା ସମ୍ପର୍କରେ ବିଧାୟକ ଙ୍କୁ ଜଣାଇବା ସହ ନିଜର କ୍ଷୋଭ ପ୍ରକାଶ କରିଥିଲେ । ରାସ୍ତା ନିର୍ମାଣ ବେଳେ ପୋଲ ନିର୍ମାଣ ପାଇଁ ଅସ୍ଥାୟୀ ଭାବେ ଉପଯୁକ୍ତ ଭିତିଭୂମି ପରିବେଷ୍ଟନୀ ରେ ଡାଇଭର୍ସନ ରାସ୍ତା ନିର୍ମାଣ କରାଯିବାକୁ ନିୟମ ଥିବା ବେଳେ ଏହାକୁ ବେଖାତିର କରି ନାମକୁ ମାତ୍ର ଚିକିଟା ମାଟିର ଏକ ରାସ୍ତା ନିର୍ମାଣ କରାଯାଇ ପ୍ରହସନ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ସ୍ଥାନୀୟ ବିଧାୟକ ଜାଣିବା ପରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ । ଅନ୍ୟପଟେ ବିଧାୟକ ଙ୍କ ଗାଆଁ କୁ ସଂଯୋଗ କରୁଥିବା ରାସ୍ତାରେ ଏଭଳି ଚିତ୍ର ଦେଖିବାକୁ ମିଳୁଥିବା ବେଳେ ଅନ୍ୟାନ୍ୟ ଗ୍ରାମ କଥା କିଏ କହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏପରି ସ୍ଥିତିରେ ବାପନପଲ୍ଲୀ ଠାରୁ ରୋଡନପଲ୍ଲୀ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ରେ ପୋଲ ନିର୍ମାଣ ପାଇଁ ଖୋଳା ଯାଇଥିବା ରାସ୍ତା କଡରେ ଉପଯୁକ୍ତ ଡାଇଭର୍ସନ ବ୍ୟବସ୍ଥା କରିବାକୁ ସାଧରଣରେ ଦାବୀ ହୋଇଛି ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।






# ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ ପରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ତଦନ୍ତ

ରଣପୁର : ବାଜିଲା ଖବର ଚେତିଲା ପ୍ରଶାସନ । ପର୍ଯ୍ୟବେକ୍ଷକ ନ୍ୟୁଜ ପେପରର ମହାପ୍ରଭାବ । ଗତ କିଛିଦିନ ତଳେ ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ କୋଇଲିମା ଠାରୁ ଗୌରାଙ୍ଗପୁରକୁ ସଂଯୋଗ କରୁଥିବା ୭ କିଲୋମିଟର ରାସ୍ତାର ସଂପ୍ରସାରଣ ଓ ମରାମତି ନିମନ୍ତେ ୭ କୋଟି ଟଙ୍କା ବ୍ୟୟବରାଦରେ ରାସ୍ତା କାମ ଆରମ୍ଭ ହୋଇଥିଲା । ନିର୍ମାଣ ହେଉଥିବା ରାସ୍ତାରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର କାମ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ । ଯାହା ପର୍ଯ୍ୟବେକ୍ଷକ ନ୍ୟୁଜ ପେପରରେ ପ୍ରସାରଣ ହୋଇଥିଲା । ଏହାପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ନୟାଗଡ ପୂର୍ତ୍ତବିଭାଗ ଯନ୍ତ୍ରୀ ପ୍ରମୋଦ କୁମାର ଧୀର ନିର୍ମାଣ ହେଉଥିବା ରାସ୍ତାର ସ୍ଥିତି ଅନୁଧ୍ୟାନ କରିବା ସହ ନିମ୍ନମାନର କାମ



ହେଉଥିବା ଜଣାପଡିଥିଲା । ଏହାପରେ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ ପୁନର୍ବାର ସଠିକ୍ କାମ କରିବାକୁ କହିଥିଲେ ।

# ଶ୍ରୀ ଶ୍ରୀ ଠାକୁର ଯମୁନା ଦାସଙ୍କ ୯୮ ତମ ଜୟନ୍ତୀ

ନେଉଳପୁର : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ସୋଲର ଗ୍ରାମ ପଂଚାୟତସ୍ଥିତ ଉଦାସ ଆଶ୍ରମରେ ଶ୍ରୀ ଶ୍ରୀ ଠାକୁର ଯମୁନା ଦାସଙ୍କ ୯୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଠାକୁରଙ୍କ ଶିଷ୍ୟ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରା ନନ୍ଦ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଆଶ୍ରମରେ ପ୍ରଭାତି ପ୍ରାର୍ଥନା ସମୂହ ଗୁରୁଦେବଙ୍କ ଷୋଡଶ ଉପଚାରପୂଜା ଚତୁର୍ଦ୍ଧା ମୂର୍ତୀଙ୍କ ଷୋଡଶ ଉପଚାର ପୂଜା ଗୁରୁ ଅଭିଷେକ ପୂଜା ,ଏକଦିବସୀୟ ଯଜ୍ଞ,ସତସଙ୍ଗ ଓ ନାମ ସଂକୀର୍ତନରେ ଉଦାସ ଆଶ୍ରମ ପରିବେଶ ଖୁବ୍ ଭକ୍ତିମୟ ହୋଇ ଉଠିଥିଲା । ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ସଂଯୋଜନାରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ବହୁ ଦୂରଦୂରାନ୍ତର ଉଦାସପନ୍ଥୀ



ସନ୍ଥ କବିନ୍ଦ୍ର ବିଦ୍ୟାର୍ଥୀ ,ବାବା ଉଦ୍ଧବ ଚନ୍ଦ୍ର ଦାସ,ବାବା ଗିରିଜାନନ୍ଦ ,ଜଗତସିଂହପୁରରୁ ବାବା ସୀତାରାମ ଦାସ,ଡଃ ସରୋଜ ଜେନା,କିର୍ତନପ୍ରେମୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରସନ୍ନ କୁମାର ଶତପଥି ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଆଶ୍ରମ ସେବକ ସତ୍ୟରଂଜନ ଦାସ ପାରିଚାଳନା କରିଥିଲେ । ପର୍ଡିତ ଖଗେଶ୍ୱର ରଥ,ନିଳମଣି ପଣ୍ଡା,ଶଶିଭୂଷଣ ନାୟକ,ରବିନ ଖଣ୍ଡାୟତ ରାୟ,ବିଜୟ କୁମାର ପଣ୍ଡା ଯଜ୍ଞ ଓ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।

# ସର୍ବ ସାଧାାଣ ପ୍ରଭାବ : ଶିଶୁଙ୍କୁ ଶିକ୍ଷାବୃତିକୁ ଓହରାଇବାକୁ ତାଗିଦ

ନେଉଳପୁର: ଯାଜପୁର ଜିଲ୍ଲାରୁ ପ୍ରତ୍ୟେକ ଦିନ କିଛି ନା କିଛି ଅଫିସର ଚଣ୍ଡିଖୋଲ ଛକ ଦେଇ ଭୁବନେଶ୍ୱରକୁ ଯିବା ଆସିବା କରୁଥିଲେ ମଧ ଚଣ୍ଡିଖୋଲ ଛକରେ କିଛି କୋମଳମତି ଶିଶୁ ଓ ମହିଳାମାନେ ଭିକ୍ଷାବୃତି କରୁଥିଲେ । ଏମାନଙ୍କ ଥଇଥାନ ବ୍ୟବସ୍ଥା ନେଇ କେହି ଦୃଷ୍ଟି ଦେଉନଥିଲେ । ମାତ୍ର ଗତ ୨୬ ତାରିଖରେ ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଯାଜପୁର ଜିଲ୍ଲା ଓ ବଡଚଣା ମହିଳା ଶିଶୁ କଲ୍ୟାଣ ବିଭାଗର ନିଦ୍ରାଭାଙ୍ଗିଲା । ହଠାତ୍ ଚଣ୍ଡିଖୋଲ ଛକରେ ବଡଚଣା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ସିଡିପିଓ ଭଗବତୀ ଗୁରୁ,ବ୍ଲକ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଜ୍ଞାନେନ୍ଦ୍ର ସ୍ୱାଇଁ,ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ ରଂଜନ ଜେନା,ମହିଳା ସୁପର ଭାଇଗର ଜାନକୀ ସାହୁ,ଅଙ୍ଗନଓ୍ୱାଡୀ କର୍ମୀ ମମତା ସାମନ୍ତରାୟ ଓ କିଛି ଅଧିକାରୀଙ୍କ ସହ ଚଣ୍ଡିଖୋଲରେ ଭିକ୍ଷାବୃତି କରୁଥିବା ମହିଳା ଓ ଶିଶୁମାନଙ୍କୁ ଏନେଇ ତାଗିଦ କରିଥିବାର ଦେଖିବାକୁ ମିଳିଥିଲା । ସେମାନେ ଏହି ଘଣ୍ୟବୃତିକୁ ଛାଡିଲେ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ବାହାର ରାଜ୍ୟର ଶରଣାର୍ଥୀ ଲକଡାଉନ ଯୋଗୁ ଚଣ୍ଡିଖୋଲ ନିକଟସ୍ଥ ମିଲତ ନଗରରେ ରହି ଯାଇଥିଲେ । ତେବେ ମହିଳା ଶୀଉ କଲ୍ୟାଣ ବିଭିଗ ବିଳମ୍ବରେ ହେଲେ ମଧ ନିଦ୍ରାରୁ ଉଠିଥିବାରୁ ବୁଦ୍ଧଜିବୀ ମହଲରେ ଏହାକୁ ବେଶ ପସନ୍ଦ କରାଯାଇଛି । ଏହଚି କୋମଳମତି ଶିଶୁମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବା ସହ ସେମାନଙ୍କ ଯତ୍ନ ନିଆଯିବ ବୋଲି ଜିଲ୍ଲା ଶିଶୁ କଲ୍ୟାଣ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି । ତେବେ ଏବେ ଖାଲି ଦେଖିବାକୁ ବାକି ରହିଲା ଅଧିକାରୀଙ୍କ ପ୍ରତିଶ୍ରୁତି କେବେ କାର୍ଯ୍ୟକାରୀ ହେଉଛି।

# ଆନ୍ତର୍ଜାତିକ ମାନବ ଅଧିକାର ପରିଷଦର କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆଜି ଆନ୍ତର୍ଜାତିକ ମାନବ ଅଧିକାର ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ନିରାଡ଼ମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପରିଷଦର ମାନ୍ୟବର ସଭାପତିଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ କରୋନା କଟକଣା ମଧ୍ୟରେ ସମାପ୍ତ ହୋଇଥିଲା। ପରିଷଦର ମୁମ୍ବାଇସ୍ଥିତ ମୁଖ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୋନୁ ସାହାଙ୍କ ଅନୁମୋଦନ କ୍ରମେ ନବନିଯୁକ୍ତ କର୍ମକର୍ତ୍ତାମାନଙ୍କର ନାମ ଘୋଷଣା କରାଯିବା ସହ ରାଜ୍ୟ ସଭାପତି ମହମ୍ମଦ ସାହାନଓ୍ୱାଜଙ୍କ ଉପସ୍ଥିତିରେ ନିମ୍ନଲିଖିତ ବ୍ୟକ୍ତିମାନେ ସେମାନଙ୍କର ପ୍ରଥମ ଯୋଗଦାନ ପୂର୍ବକ ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ। ଆନ୍ତର୍ଜାତିକ ମାନବ ଅଧିକାର ପରିଷଦର ପ୍ରତିଷ୍ଠାତାଙ୍କ ଅନୁମୋଦନ କ୍ରମେ ସେକ୍ ଅବଦୁଲ ଗନି ହୋସେନ-ଉପସଭାପତି, ଓଡ଼ିଶା ଟେଷ୍ଟ ବୋର୍ଡ଼ର ଶ୍ରୀ ଅଜିତ କୁମାର ନାୟକ-ସାଧାରଣ ସମ୍ପାଦକ, ଓଡ଼ିଶା ଟେଷ୍ଟ ବୋର୍ଡ଼ ସଦସ୍ୟ-ଆସରଫ ଅଲ୍ଲୀ-ପୁରୀ ଜିଲ୍ଲା ସଭାପତି, ସୁଦାଶା ପଣ୍ଡା(ଆଡ଼ଭୋକେଟ) ଏବଂ ନର୍ଗିସ ବାହାର-ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରମୁଖ ବ୍ୟକ୍ତିମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ଉକ୍ତ ବ୍ୟକ୍ତିମାନେ ଦାୟିତ୍ୱ ଗ୍ରହଣ କରିବା ସହ ଆଜି ସେମାନଙ୍କର ପ୍ରଥମ କାର୍ଯ୍ୟରେ ଯୋଗ ଦେଇଥିଲେ। ପ୍ରକାଶଥାଉକି, ଚଳିତମାସ ଶେଷ ସୁଦ୍ଧା ଉକ୍ତ ପରିଷଦର ନୂତନ କାର୍ଯ୍ୟାଳୟ ଖୋଲାଯିବା ସହ ଏକ ପ୍ରେସ୍ କନ୍‌ଫରେନ୍ସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଜ୍ୟର ବିକାଶ ପାଇଁ ତଥା ସମାଜରେ ନିଷ୍ପେସିତ ଅବସ୍ଥାରେ କାଳାତିପାତ କରୁଥିବା ଏବଂ ମାନବ ଅଧିକାରରୁ ବଞ୍ଚିତ ହେଉଥିବା ବ୍ୟକ୍ତିବିଶେଷ ମାନଙ୍କ ପାଇଁ କାର୍ଯ୍ୟ କରିବାକୁ ନବନିଯୁକ୍ତ କର୍ମକର୍ତ୍ତାମାନେ ବଜ୍ର ଶପଥ ନେବା ସହ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସଭା ଶେଷରେ ମାନ୍ୟବର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭାରତୀୟ ସମ୍ବିଧାନକୁ ସମ୍ମାନ ଦେଇ ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ କାର୍ଯ୍ୟ କରିବାକୁ ଏବଂ ନିଜ ନିଜର ଦାୟିତ୍ୱକୁ ସଚ୍ଚରୁ ରୂପେ ନିର୍ବାହ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଉପସ୍ଥିତ ରହି ପରିଷଦର କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପରିଷଦର ଉତ୍ତରତ୍ତୋର କାମନା କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


# ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ୍ ସବୁଜଶକ୍ତି କ୍ରେତା ହୋଇପାରିଛି

ଭୁବନେଶ୍ୱର : ବେଦାନ୍ତ ଆଲୁମିନିୟମ ବିଜନେସ୍ ଭାରତର ଅଗ୍ରଣୀ ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦର ନିର୍ମାତା ବର୍ତମାନର ଭାରତର ବୃହତ୍ ସବୁଜ ଶକ୍ତି କ୍ରେତାଭାବରେ ଉଭା ହୋଇଛି । ଏହା ଆର୍ଥିକବର୍ଷ ୨୧-୨୨ ର କ୍ୟୁ୧ ପ୍ଲାଟଫର୍ମରେ ଆଇଇଏକ୍ସ ର ସବୁଜ ମାର୍କେଟରେ ଏହି ସବୁଜ ଶକ୍ତିକ୍ରେତା ଭାବରେ ନିଜକୁ ସାମିଲ୍ କରିଛି । ଓଡ଼ିଶାର ଝାରସୁଗୁଡ଼ା ଠାରେ ଏହାର ବୃହତ ସମନ୍ୱିତ ଆଲୁମିନିୟମ ଉତ୍ପାଦନ ସୁବିଧା ପାଇଁ ବେଦାନ୍ତ ଗ୍ରୀନ୍‌ଟର୍ମ ଆଗାମି ମାର୍କେଟରୁ ଅଣ ସୌର ନବୀକରଣରୀୟ ଉର୍ଜା ଓ ସୋଲାରର ୩୫୪ ନିୟୁତ ୟୁନିଟ୍ ସଂଗ୍ରହ କରିବ। ଆଇଇଏକ୍ସ ଏକ ଅଗ୍ରଣୀ ଉର୍ଜା ମାର୍କେଟ୍ ପ୍ଲେସ ଓ ଏହା ଦେଶର ବୃହତମ ଶକ୍ତି ବିନିଯୋଗ କାରୀ। ଏହା ଅଧିକ ପ୍ରତିଯୋଗୀତାମୂଳକ ଓ ସରଳ ଉପାୟରେ ସବୁଜ ଉର୍ଜାକ୍ରୟ କ୍ଷେତ୍ରରେ କ୍ରେତାମାନଙ୍କୁ ସହାୟତା ପ୍ରଦାନ କରିଥାଏ। ବିନିମୟ ମାଧ୍ୟମରୁ ସବୁଜ ଶକ୍ତିକ୍ରୟ ନିମନ୍ତେ ସଂସ୍ଥା ଯଥା ବେଦାନ୍ତ ଏବଂ ଏହାର ଉଦ୍ୟୋଗ ଗୁଡ଼ିକରେ ବହୁଳଭାବରେ କାର୍ବନ୍ ପ୍ରଶମନ ଲକ୍ଷ୍ୟକୁନେଇ ଏହି ସବୁଜମୂଲ୍ୟ ଯୁକ୍ତ ଉତ୍ପାଦର ବ୍ୟବହାର ଗ୍ରହଣ କରାଯାଉଛି। ବେଦାନ୍ତ ଆର୍ଥିକବର୍ଷ କ୍ୟୁ୧ ରେ ଆଇଇଏକ୍ସରେ ୩୫% ରୁ ଅଧିକ ସବୁଜଶକ୍ତିକ୍ରୟ କରିଛି ।ବେଦାନ୍ତ ଆଲୁମିନିୟମର ଶକ୍ତି ଷ୍ଟିଓ୍ୱାର୍ଡ଼ସିପ୍ ୨ ସ୍ତରୀୟ କୌଶଳ ଭିତିକ ମାଧ୍ୟମରେ ସର୍ବାଧିକ ଦକ୍ଷତା ପ୍ରତିପାଦନ କରୁଛି ଏବଂ ଉତ୍କୃଷ୍ଟମାନର ଉର୍ଜା ପ୍ରବନ୍ଧନ ସହିତ ଏହାର ସବୁଜ ଶକ୍ତିର ସଦୁପଯୋଗ ପାଇଁ କାର୍ଯ୍ୟକରୁଛି। ଏଥିପାଇଁ ବେଦାନ୍ତ ଆଲୁମିନିୟମ ଏନର୍ଜି ଇନିୟର ଓ ମ୍ୟାନେଜର ସୋସାଇଟିରେ ୩ଟି ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଛି। ଏହାବ୍ୟତୀତ ନ୍ୟାସନାଲ୍ ଏନର୍ଜି ମ୍ୟାନେଜମେଂଟ ପୁରସ୍କାର ୨୦୨୦ ଏହାକୁ ମଧ ମିଳିଛି। ଏହାର ଆଲୁମିନିୟମ ସ୍ମେଲଟର ୧ ଓ ୨ ପାଇଁ ଓ ଝାରସୁଗୁଡ଼ା ଠାରେ ଥିବା କ୍ୟାପଟିଭ୍



ପାଓ୍ୱାର ପ୍ଲାଂଟ ପାଇଁ ବେଦାନ୍ତର ଝାରସୁଗୁଡ଼ାସ୍ଥିତ ସ୍ମେଲ୍ଟର ୧ ଓ ଲାଞ୍ଜିଗଡ଼ର ଆଲୁମିନା ରିଫାଇନାରୀ ମଧ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ବିବେଚିତ ହୋଇଛନ୍ତି। ଆଲୁମିନା ରିଫାଇନାରି ହେଉଛି ଏକ ପ୍ଲାଂଟ ଯେଉଁଥିରୁ ବକ୍ସାଇଟ୍ ମଧ୍ୟରୁ ଆଲୁମିନା ଉତ୍ପାଦନ କରାଯାଇଥାଏ ଓ ଆଲୁମିନା ସ୍ମେଲଟର ହେଉଛି ଏକ ପ୍ଲାଂଟ ଯେଉଁଠାରେ ଆଲୁମିନାରୁ ସୁଦ୍ଧ ଆଲୁମିନିୟମ ପ୍ରସ୍ତୁତ କରାଯାଏ ।ବେଦାନ୍ତର କାର୍ବନ୍ ମିଟିଗେସନ ସମ୍ବନ୍ଧରେ ପଦକ୍ଷେପ ସମ୍ବନ୍ଧରେ ଶ୍ରୀ ରାହୁଲ ଶର୍ମା, ସିଇଓ, ବେଦାନ୍ତ ଆଲୁମିନିୟମ ବିଜନେସ୍ କହିଛନ୍ତି ଯେ, ନ୍ତଆମର ଏହି ସ୍ଥାୟୀତ୍ୱ ମୂଳକ ପଦକ୍ଷେପ ଆମର ପ୍ରଭାବ ହ୍ରାସକାରୀ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ ଯାହା ଆମର ଲକ୍ଷ୍ୟ ହାସଲରେ ଏହା ସାହାଯ୍ୟ କରିବ ଓ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ନ୍ୟାସନାଲି ଡିଟରମାଇନ୍‌ଡ କଂଟ୍ରିବ୍ୟୁସନ ଉଦ୍ଦେଶ୍ୟ ପୂରଣ ହୋଇ ପାରିବ। ଉର୍ଜା ପ୍ରବନ୍ଧନରେ ଆମ ପକ୍ଷରୁ ସବୁ ପ୍ରକାର ଉତ୍ତମ ଅଭ୍ୟାସ ଜାରି ରହିବା ସହିତ ଉନ୍ନତ ମାନର ପ୍ରଯୁକ୍ତି ବ୍ୟବହାର ଦ୍ୱାରା କାର୍ବନ୍ ଫୁଟ ପ୍ରିଂଟହ୍ରାସ ପାଇବ। ଆମର ଦୀର୍ଘକାଳୀନ କୌଶଳର ଉଦ୍ଦେଶ୍ୟ ହେବ କାର୍ବନ୍ ଉର୍ଜା ମିଶ୍ରଣକୁ କମ୍ କରିବା। ବେଦାନ୍ତ ଆଲୁମିନିୟମର ସବୁଜଉର୍ଜା ପଦକ୍ଷେପକୁ ପ୍ରଶଂସାକରି ଶ୍ରୀ ରୋହିତ୍ ବଜାଜ୍ ସିନିୟର ଭାଇସ୍ ପ୍ରେସିଡଂଟ ଓ ହେଡ୍, ବିଜନେସ୍ ଡେଭଲପମେଂଟ, ଆଇଇଏକ୍ସ କହିଛନ୍ତିନ୍ତଆଇଇଏକ୍ସରେ ଆମର ନିରନ୍ତର ଧ୍ୟାନ ରହିବ ଗ୍ରାହକ କୈନ୍ଦ୍ରିକ ଉର୍ଜା ମାର୍କେଟ୍ ପ୍ଲେସ ଯେଉଁଥିରେ କିଛି ଅଭିନବତା ସହିତ ପ୍ରଯୁକ୍ତିକୁ ମିଶାଇ ଆମେ ସ୍ଥାୟୀ ଓ ଦକ୍ଷ ଉର୍ଜା ଅର୍ଥନୀତିକୁ ପ୍ରୟୋଗ କରିବୁ। ଗ୍ରୀନ ଟର୍ମ ଆହେଡ୍ ମାର୍କେଟ୍ ଏହିଭଳି ଏକ ସୁବିଧା ପ୍ରଦାନ କରିବାରେ କାର୍ଯ୍ୟକରୁଛି ଓ ଏହା ଅତି ପ୍ରତିଯୋଗୀତାମୂଳକ ମୂଲ୍ୟରେ ସହଜ ଉପାୟରେ ସୌର ଏବଂ ଅଣସୌର ନବୀକରଣୀୟ ଉର୍ଜା ପ୍ରଦାନ କରୁଛି। ଏହାର ମାର୍କେଟ ବିଭାଗ ବିଭିନ୍ନ ଶିଳ୍ପସଂସ୍ଥାରୁ ଆଦୃତି ଲାଭ କରିଛି ।ଆଇଇଏକ୍ସ ବେଦାନ୍ତ ଆଲୁମିନିୟମ ବିଜନେସକୁ ଧନ୍ୟବାଦ ଜଣାଇଛି। ବେଦାନ୍ତର ଏହି ସବୁଜ ମାର୍କେଟରେ ପ୍ରବେଶ ଦ୍ୱାରା ଏହାର ଉଦ୍ୟୋଗରେ ସବୁଜ ଶକ୍ତି ସଂଗ୍ରହଣ ବୃଦ୍ଧି ପାଇବ ଏବଂ କାର୍ବନ୍ ଫୁଟପ୍ରିଂଟ ହ୍ରାସହେବ। ବେଦାନ୍ତ ଆଲୁମିନା ବ୍ୟାବସାୟିକ ୟୁନିଟ୍ ସର୍ବଦା ଉର୍ଜା ଦକ୍ଷ ଓ ସ୍ଥାୟୀ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ତତ୍ପର ରହିଛି। ବେଦାନ୍ତ ଆଲୁମିନିୟମରେ ୨୦୧୨ ସୁଦ୍ଧା ୨୧% ପର୍ଯ୍ୟନ୍ତ ଜିଏଚଜି ନିର୍ଗମନ କମ୍ ହୋଇପାରିଛି ଓ ୨୦୨୫ ସୁଧା ଏହି ବେସ ଲାଇନରେ ଏହା ୨୪% ପର୍ଯ୍ୟନ୍ତ କମ ହେବ ବୋଲି ଲକ୍ଷ୍ୟ ରହିଛି ।ଆର୍ଥିକବର୍ଷ ୨୦୨୦ ଓ ଆର୍ଥିକ ୨୧ ରେ ବେଦାନ୍ତ ଆଲୁମିନିୟମର କ୍ୟାପଟିଭ୍ ଆସେଟ୍ ମଧରେ ୨ ନିୟୁତ ଗିଗାଜୁଲ୍ସ (ଜିଜେ) ପରୋକ୍ଷ ଭାବରେହ୍ରାସ ପାଇବ ।ବ୍ୟାବସାୟିକ ୟୁନିଟ୍ ଗୁଡ଼ିକ ମଧରେ ଜଳବାୟୁ ଗତ କାର୍ଯ୍ୟକ୍ରମ ଦ୍ୱାରା ଶକ୍ତିସଂଚୟ ୧.୪ ନିୟୁତ ଜିଜେ ହୋଇପାରିବ ଓ ୦.୩୨ ନିୟୁତ ଟନର କାର୍ବନ୍‌ଡାଇ ଅକ୍ସାଇଡ୍ ଆର୍ଥିକବର୍ଷ ୨୦-୨୧ ରେ ସଂଚୟ ହୋଇପାରିଛି । ବେଦାନ୍ତ ଆଲୁମିନିୟମ ସ୍ମେଲ୍ଟର ଝାରସୁଗୁଡ଼ା ଭାରତର ପ୍ରଥମ ଓ ବିଶ୍ୱର ତୃତୀୟ ସ୍ମେଲଟର ଭାବରେ ଡିଜିଟାଲ ସ୍ମେଲ୍ଟର ସଲ୍ୟୁସନ କାର୍ଯ୍ୟରେ ନିୟୋଜିତ ଅଛି ଯାହାକି ଡିଜିଟାଲ୍ ଭାବରେ ଟୁଇନ୍ ଟେକ୍ନୋଲୋଜିକୁ ବ୍ୟବହାର କରୁଛି ଯହାଦ୍ୱାରା ଉର୍ଜା ଦକ୍ଷତାବୃଦ୍ଧି ପାଇଛି ।ଝାରସୁଗୁଡ଼ା ସ୍ମେଲଟର ମଧ ପ୍ରଥମ ଆଲୁମିନିୟମ ସ୍ମେଲଟର ଭାବରେ ଏସିଆରେ ଉର୍ଜା ପ୍ରବନ୍ଧନ ପ୍ରଣାଳୀ ପାଇଁ ୨୦୦୩ରେ ଆଇଏସଓ ୫୦୦୦୧ ପ୍ରମାଣନ ଲାଭ କରିଛି ।ଭାରତ ଆଲୁମିନିୟମ କମ୍ପାନୀ ବେଦାନ୍ତର ସହାୟକ ଛତିଶଗଡ଼ଠାରେ ଥିବା ଏହି ସଂସ୍ଥା ଏହାର ପୋର୍ଟଲାଇନ ୧ ପାଇଁ ୨୦୨୦ ରେ ଖୁବ୍ କମ୍ ନିର୍ଦ୍ଧାରିତ ଶକ୍ତି ଖର୍ଚ୍ଚକରିଛି। ଏଥିରେ ଭାରତର ଆଲୁମିନିୟମ ସ୍ମେଲ୍ଟର ସଂସ୍ଥାଗୁଡ଼ିକ ମଧରେ ଏକ ବେଂଚମାର୍କ ପ୍ରତିଷ୍ଠା କରିବା ସହିତ ବିଦେଶରେ ଖ୍ୟାତି ଅର୍ଜନ କରିଛି ।ବେଦାନ୍ତ ଆଲୁମିନିୟମ ବ୍ୟବସାୟ ଓଡ଼ିଶା ଓ ଛତିଶଗଡ଼ରେ କାର୍ଯ୍ୟକରୁଛି ଯାହା ହେଉଛି ବେଦାନ୍ତ ଲିମିଟେଡର ଏକ ବିଭାଜନ ଓ ଏହା ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ଅର୍ଥାତ ଭାରତର ଆଲୁମିନିୟର ଅର୍ଦ୍ଧେକ ଉତ୍ପାଦନ କାରୀ। ଏହା ଆର୍ଥିକବର୍ଷ ୨୧ ରେ ୧.୯୬ ନିୟୁତଟନ୍ ଆଲୁମିନିୟମ ଉତ୍ପାଦନ କରିଛି। ଏହା ହେଉଛି ଏକ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦର ଅଗ୍ରଣୀ ସଂସ୍ଥା। ବିଶ୍ୱଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରି ଓ ପାଓ୍ୱାର ପ୍ଲାଂଟ ସହିତ କମ୍ପାନୀ ଭବିଷ୍ୟତ ପାଇଁ ଧାତୁରୂପେ ଆଲୁମିନିୟମର ପ୍ରୟୋଗକୁ ଉତ୍ସ ଯୋଗାଇବାରେ ଅଗ୍ରଣୀଭୂମିକା ନିର୍ବାହ କରୁଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray